# ନ ଶ୍ରେୟୋ ନିୟମମ୍ ବିନା

ନିୟମ ବ୍ୟତିରକେ ଶ୍ରେୟ ବା ପ୍ରେମ ନାହିଁ । ଶ୍ରେୟ ସୃଷ୍ଟିର ଅମୃତ । ଶ୍ରେୟାକାଂକ୍ଷୀ ମଣିଷ କେବଳ ମନୁଷ୍ୟ ମଧ୍ୟରେ ନୁହେଁ ସକଳ ଜଗତର ଶ୍ରେୟ ଆକାଂକ୍ଷା କରେ । ଅନୁରୂପ ଭାବରେ ନିୟମ ବା ଅନୁଶାସନ ହିଁ ଏହି ଶ୍ରେୟଲାଭର ପଥ । ବୈଦିକ କାଳରୁ ଆମ ସଂସ୍କାର ଦୁଇଟି ପଥର ନିର୍ଦ୍ଦେଶ କରେ ଗୋଟିଏ ପ୍ରେୟ ଓ ଅନ୍ୟଟି ଶ୍ରେୟ । ଶ୍ରେୟ ହିଁ ଶ୍ରେଷ୍ଠ ଆଉ ସର୍ବମାନ୍ୟ ଗ୍ରହଣୀୟ । ଆମର ପ୍ରିୟ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ସାଧନାର ଆଳୟ, ଆମ ସଂଗଠନ ସେହି ଶ୍ରେୟ ଓ ଶୃଙ୍ଖଳାର ବନ୍ଧନୀ ମଧ୍ୟରେ ରହି ବର୍ଷ ବର୍ଷ ଧରି ସମଗ୍ର ବିଶ୍ୱରେ ନିଜକୁ ପ୍ରସାରିତ ଓ ପ୍ରତିଷ୍ଠିତ କରିଛି ଓ କରିଚାଲିଥିବ ମଧ୍ୟ । ୧୨୫ଟି ରାଷ୍ଟ୍ରରେ ଉତ୍ତୋଳିତ ପ୍ରଶାନ୍ତି ପତାକାର ଛାୟାରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଶ୍ରୀ ସତ୍ୟସାଇ ସମିତି ଓ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରୀ ସତ୍ୟସାଇ ସେବାଦଳ କର୍ମୀଙ୍କ ସହ ସହଭାଗି ହୋଇ ଆମେ ଯେଉଁ ଯଶଭାରକୁ ବହନ କରି ଶିହରିତ ହେଉଛେ ତାର ଏକ ମାତ୍ର କାରଣ ଏହି ଶ୍ରେୟ ବା ପ୍ରେମ ଓ ନିୟମ ବା ଶୃଙ୍ଖଳା । ପ୍ରତ୍ୟେକ ସେବାଦଳଙ୍କ ଅନ୍ତଃସ୍ୱର ଏହି ଦିବ୍ୟ ପ୍ରେମ ଓ ତାର ଆଚରଣରେ ଏହି ଶୃଙ୍ଖଳା ପ୍ରକାଶିତ । ସେଥିପାଇଁ ଶ୍ରୀ ସତ୍ୟସାଇ ସେବାଦଳ ଜଗତର ବିଶ୍ୱସନୀୟ ଓ ପ୍ରିୟ । ଯେଉଁଠି ପ୍ରେମ ଆଉ ଶୃଙ୍ଖଳା ନାହିଁ ତାକୁ କେବେବି ଆମେ ଏକ ଶ୍ରୀ ସତ୍ୟସାଇ କେନ୍ଦ୍ର ବା ଜଣେ ଶ୍ରୀ ସତ୍ୟସାଇ ସେବକ କହି ପାରିବା ନାହିଁ । ସଂପ୍ରତି ବିଶ୍ୱରେ ସଂଗଠିତ କରୋନା କାଳରେ ଅନଲାଇନ୍ ମାଧ୍ୟମରେ ଆମେ ଆମର ରାଜ୍ୟ ସମ୍ମିଳନୀକୁ ଏକ ଦ୍ୱିପାକ୍ଷିକ ଲକ୍ଷ ନେଇ ଆୟୋଜିତ କଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡିଶାର କୋଣ ଅନୁକୋଣରୁ ସହ ବନ୍ଧିତ ଶ୍ରୀ ସତ୍ୟସାଇ ଆଶ୍ରିତଙ୍କ ସଂଖ୍ୟା ଆଶାତିତ ଥିଲା । ଏହା ଆମର ସାଙ୍ଗଠନିକ ପ୍ରୀତିକୁ ସୂଚିତ କରେ । ତିନି ଦିନ ବ୍ୟାପି ଆୟୋଜିତ ଏହି ସମାରୋହର ବିଷୟ ବସ୍ତୁ ଆମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିପାରିଛି । ସାଙ୍ଗଠନିକ ଶୃଙ୍ଖଳାକୁ ସର୍ବୋଚ୍ଚ ସମ୍ମାନ ଏବଂ ଆମର ପ୍ରିୟ ପ୍ରଭୁଙ୍କର ଜନ୍ମଶତ ବାର୍ଷିକୀର ପ୍ରସ୍ତୁତି ପାଇଁ ବ୍ୟଗ୍ରତା, ଆମ ପ୍ରଭୁଙ୍କ ପ୍ରତି ଆମର ଅନ୍ତରରେ ଥିବା ଆନୁଗତ୍ୟକୁ ପ୍ରକାଶ କରୁଛି । ଆମେ ଏହି ସମ୍ମିଳନୀରେ ଗ୍ରହଣ କରିଥିବା ନିଷ୍ପତ୍ତି ଅନୁଯାୟୀ ସଂକଳ୍ପ - ୨୦୨୧ ଆତ୍ମପ୍ରକାଶ କରିବାକୁ ଯାଉଛେ । ଯେଉଁ ଦୃଢତାର ସହ ଆମେ ସଂକଳ୍ପ କରିଛେ ଅନୁରୂପ ପ୍ରେମ ପୂର୍ଣ୍ଣ ହୃଦୟରେ ଓ ଶୃଙ୍ଖଳିତ ଢଙ୍ଗରେ ଏହାକୁ ସମ୍ମାନିତ କରିପାରିଲେ ଏହା ପ୍ରଭୁଙ୍କ





ନିକଟରେ ନୈବେଦ୍ୟ ହୋଇପାରିବ । ଆମ ସଂକଳ୍ପରେ ସ୍ଥାନ ପାଇଥିବା ବିବିଧ ନୂତନ ପ୍ରକଳ୍ପଗୁଡିକୁ ନିଷ୍ଠାର ସହିତ ସମ୍ମାନିତ କରିବା ଆମ ସାଧନା ନିମନ୍ତେ ଯଥେଷ୍ଟ ହେବ । ଆଉ କିଛି ନୂତନ କାର୍ଯ୍ୟକ୍ରମ ସଂପ୍ରତି ଗ୍ରହଣ କରିବା ଉଚିତ୍ ହେବ ନାହିଁ । ଆମେ ଆମ ସଂକଳ୍ପରେ ଯାହାବି କିଛି କାର୍ଯ୍ୟପନ୍ଥା ଗ୍ରହଣ କରିଛେ ତାର ଅନ୍ତରାଳରେ ଏକ ମହତ୍ ଲକ୍ଷ ବା ଉଦ୍ଦେଶ୍ୟ ସନ୍ନିହିତ । ସଂଗଠନର ଗୁଣାତ୍ମକ ଓ ସଂଖ୍ୟାତ୍ମକ ବିସ୍ତାର ଆମର ସଂକଳ୍ପ । ଏ କ୍ଷେତ୍ରରେ ଆମ ସମିତି ଓ ଭଜନ ମଣ୍ଡଳିଗୁଡିକର ଗୁରୁତ୍ୱ ଯଥେଷ୍ଟ । ଜିଲ୍ଲା ସଭାପତି ତଥା ରାଜ୍ୟ ଓ ଜିଲ୍ଲାର ସଂଯୋଜକ ତଥା ଇନ୍‌ଚାର୍ଜମାନଙ୍କର ଭୂମିକା ଏ କ୍ଷେତ୍ରରେ ଯଥେଷ୍ଟ ଅଧିକ । ସାଂଗଠନିକ ବିସ୍ତାର ଓ ସଶକ୍ତିକରଣ ନିମନ୍ତେ କର୍ମକର୍ତ୍ତାମାନଙ୍କର ଓତଃପ୍ରୋତ ସମ୍ପୃକ୍ତି ପ୍ରତ୍ୟେକ କେନ୍ଦ୍ର ସହ ରହିବା ଆବଶ୍ୟକ। କର୍ମକର୍ତ୍ତାମାନେ  କେନ୍ଦ୍ରର ସ୍ଥିତିକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବା ଆବଶ୍ୟକ । ଆମେ ଆଲୋଚନା କରିଛେ ସମିତି ଓ ଭଜନ ମଣ୍ଡଳିଗୁଡିକ ହିଁ ଆମ ସଂଗଠନର ମୂଳଉତ୍ସ । ଜିଲ୍ଲା ସଂଗଠନ ହେଉ ବା ରାଜ୍ୟ ସଂଗଠନ ଏହାର ପ୍ରତ୍ୟେକ କର୍ମକର୍ତ୍ତା ସେମାନଙ୍କର ମୂଳ ଉତ୍ସ ସହ ଯୋଡି ହୋଇ ସାଧନାରେ ନିଜକୁ ନିୟୋଜିତ କରିବେ । ଆମେ ଆମର ମୌଳିକ ଲକ୍ଷ "ଆଧ୍ୟାତ୍ମିକ ଅଭୀପ୍ସା" ପାଇଁ ସଦାସର୍ବଦା ଜାଗ୍ରତ ଏବଂ ତାକୁ ପରିପୁଷ୍ଟ କରିବା ପାଇଁ ଏବଂ ଏହା ସମ୍ପାଦିତ ହେବ ଏକ ଶୃଙ୍ଖଳିତ ପଥରେ । ପ୍ରେମ ଓ ଶୃଙ୍ଖଳାକୁ ଅନୁଭବ କରିବା ପାଇଁ ଭଗବାନ ଏ ସମଗ୍ର ଜଗତ ଆମ୍ଭମାନଙ୍କୁ ଦେଇଛନ୍ତି । ନଦୀ ଦୁଇ କୂଳକୁ ସମ୍ମାନ ଦେଇ ବହିଥାଏ । କୂଳ ଲଙ୍ଘନକଲେ ଏହା ଜୀବନ ପାଇଁ ଓ ଜଗତ ପାଇଁ ବିପଦ ଆଣିଥାଏ । ଖେଳର ଶୃଙ୍ଖଳାକୁ ମାନିବା ଦ୍ୱାରାହିଁ ଆମେ ଖେଳର ଆମୋଦକୁ ଅନୁଭବ କରିଥାଉ ବୋଲି ଭଗବାନ ଆମକୁ ସୂଚୀତ କରିଛନ୍ତି । ଶ୍ରେୟର ପଥ ଯାହା ଆମପାଇଁ ଭଲ, ପ୍ରେୟ - ଯାହା ଆମକୁ ଭଲଲାଗେ । ଆମେ ଶ୍ରେୟ ମାର୍ଗର କାମନା କରି ଏ ସଂଗଠନ ମଧ୍ୟକୁ ଆସିଛେ । ସେ ପଥ ଆମ ପାଇଁ ସୁଗମ ହେଉ ଆମର ପ୍ରିୟ ପ୍ରଭୁ ଆମକୁ ଏଥି ନିମନ୍ତେ ତାଙ୍କର ଅଭୟ କରୁଣା ଢାଳିଦିଅନ୍ତୁ ।

**ରାଜ୍ୟ ସଭାପତି**
**ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶା**

# ସଂକଳ୍ପ - ୨୦୨୧

# ଆଧ୍ୟାତ୍ମିକ ବିଭାଗ

ଆଧ୍ୟାତ୍ମିକତା ସଂଗଠନର ଭିତ୍ତିଭୂମି ହୋଇଥିବାରୁ ସଂଗଠନର ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମ ମଧ୍ୟରେ ଆଧ୍ୟାତ୍ମିକତାର ପ୍ରବାହ ଓ ପରିସ୍ଫୁଟନକୁ ଗୁରୁତ୍ୱ ପ୍ରଦାନ କରାଯିବ। ପ୍ରତ୍ୟେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପୂର୍ବରୁ ଭଗବାନଙ୍କ ଦିବ୍ୟ ଉପସ୍ଥିତି ନିମନ୍ତେ ୧ ମିନିଟ୍‌ର ନୀରବତାକୁ ଅନୁସରଣ କରିବା ସହ ପ୍ରତ୍ୟେକ କର୍ମୀ ଲିଖିତ ଜପ, ଆଧ୍ୟାତ୍ମିକ ଦିନଲିପି, ଜ୍ୟୋତି ଧ୍ୟାନ ଓ ନିତ୍ୟ ତ୍ୟାଗକୁ ଅଭ୍ୟାସ କରିବେ।

**(୧) ଶ୍ରୀ ସତ୍ୟସାଇ ଭଜନ ଗ୍ରୁପ :-**

- ଓଡିଶାର ପୁରପଲ୍ଲୀରେ ଆୟୋଜିତ ଭଜନ ଓ ନଗର ସଂକୀର୍ତ୍ତନକୁ ପ୍ରଶାନ୍ତି ଅନୁରୂପ ପରିଚାଳିତ କରିବା ପାଇଁ ଭଜନ ନିୟମାବଳୀ ପୁସ୍ତକ ଅନୁଯାୟୀ ଭଜନର ଆୟୋଜନ କରାଯିବ।
- ସମିତି ଓ ଭଜନମଣ୍ଡଳୀ ସ୍ତରରେ ସାପ୍ତାହିକ ସ୍ୱାମୀଙ୍କୁ ସମର୍ପିତ ଭଜନ ଗୁଡିକର ତାଲିକା ଭଜନ ଇନ୍ ଚାର୍ଜ ରଖିବେ।
- ୩୫ଟି ସାଇଜିଲ୍ଲାରେ ଶ୍ରୀ ସତ୍ୟସାଇ ଭଜନ ଗ୍ରୁପ ଗଠନ କରାଯିବ।
- ପ୍ରତ୍ୟେକ ଭଜନ ଅଧିବେଶନ ପୂର୍ବରୁ ବୋଲାଯିବାକୁ ଥିବା ଭଜନ ଗୁଡିକର ଅଭ୍ୟାସ ନିଶ୍ଚିତ ଭାବରେ କରାଯିବ।
- ରାଜ୍ୟସ୍ତରୀୟ ଗୋଟିଏ ଭଜନ ସମ୍ମିଳନୀ ଚଳିତ ବର୍ଷ ଆୟୋଜନ ହେବ।
- ୩୫ଟି ସାଇ ଜିଲ୍ଲାରେ "ଭଜନ ଅଗ୍ରଗାୟକ ପ୍ରଶିକ୍ଷଣ" ସତସଙ୍ଗର ଆୟୋଜନ କରାଯିବ। ଏହି ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ଓ ରାଜ୍ୟ ଶ୍ରୀ ସତ୍ୟସାଇ ଭଜନ ଦଳ ଦ୍ୱାରା ପରିଚାଳିତ ହେବ।

**(୨) ପାଠଚକ୍ର:-**

- ସମିତି ଓ ଭଜନମଣ୍ଡଳୀ ସ୍ତରରେ ଆୟୋଜିତ ପାଠଚକ୍ରରେ ପ୍ରତ୍ୟେକ ସଦସ୍ୟଙ୍କୁ ଯୋଡିବା ସହ ପ୍ରତ୍ୟେକ କେନ୍ଦ୍ରରେ ଉପଯୁକ୍ତ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି। ଚଳିତ ବର୍ଷ ଅତିକମ୍‌ରେ ପ୍ରତ୍ୟେକ ସମିତିରେ ମାସକୁ ଥରେ ପାଠଚକ୍ରର ଆୟୋଜନ କରାଯିବାର ସୂଚନା ସଂଗ୍ରହ କରାଯିବ।





ଉପଯୁକ୍ତ ଭାବରେ ପାଠଚକ୍ର ପରିଚାଳିତ ହେଉଛି କି ନାହିଁ ସେ ସଂପର୍କରେ ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜକ ପ୍ରତ୍ୟେକ କେନ୍ଦ୍ର ବୁଲି ଏହାର ତଥ୍ୟ ପ୍ରଦାନ କରିବେ। ଚଳିତ ବର୍ଷ ୬ଟି ବର୍ଗରେ ଦିଆଯାଇଥିବା ୨୪ଟି ବିଷୟବସ୍ତୁରୁ ପ୍ରତ୍ୟେକ କେନ୍ଦ୍ର ୬ଟି ବର୍ଗରୁ ଦୁଇଟି ଲେଖାଏଁ ବିଷୟବସ୍ତୁ ଚୟନ କରି ୧୨ଟି ବିଷୟକୁ ନେଇ ପାଠଚକ୍ରର ଆୟୋଜନ କରିବେ। ନିମ୍ନରେ ପାଠଚକ୍ର ବିଷୟବସ୍ତୁ ସହ ନିୟମାବଳୀ ସୂଚନା ପ୍ରଦାନ କରାଯାଇଛି।

**ବିଷୟବସ୍ତୁ:-**

କ) **ସ୍ୱାମୀଙ୍କ ଜୀବନ ଓ ବାର୍ତ୍ତା:-**

★ ମୋ ଜୀବନ ହିଁ ମୋର ବାର୍ତ୍ତା - ସ୍ୱାମୀ ★ଯୁବ ଅବତାର ଶ୍ରୀ ସତ୍ୟସାଇ ବାବା

★ ମାନସ ଭଜରେ ଗୁରୁ ଚରଣମ୍ ★ ଭଗବାନ ବାବାଙ୍କର କାଳଜୟୀ ବାର୍ତ୍ତା

ଖ) **ସନାତନ ମୂଲ୍ୟବୋଧ:-**

★ ଜୀବନରେ ଆଦର୍ଶ ଓ ମୂଲ୍ୟବୋଧର ଗୁରୁତ୍ୱ ★ ଦୈବପ୍ରୀତି, ପାପ ଭିତ୍ତି ଓ ସଂଘନୀତି

★ ସତ୍‌ସଙ୍ଗ ସ୍ୱାଧ୍ୟାୟ ଓ ସାଧନା ★ ଜୀବନର ଲକ୍ଷ୍ୟ

ଗ) **ସର୍ବଧର୍ମ ସମନ୍ୱୟ:-**

★ ଗୋଟିଏ ଧର୍ମ ପ୍ରେମର ଧର୍ମ ★ସର୍ବମତ-ସମ୍ମତଂ ସାଇ ମତମ୍

★ ବିବିଧତା ମଧ୍ୟରେ ଏକତା ★ ଭାରତୀୟ ସଂସ୍କୃତି ଏବଂ ସର୍ବଧର୍ମ ଐକ୍ୟ

ଘ) **ସ୍ୱାମୀଙ୍କ କର୍ମ ପ୍ରବାହ ଓ ଦର୍ଶନ :-**

★ ପ୍ରେମ ଓ ସେବା ହିଁ ସାଧନା ★ମାନବ ସେବା ହିଁ ମାଧବ ସେବା

★ ଶିକ୍ଷାର ଅନ୍ତିମ ଲକ୍ଷ୍ୟ ଚରିତ୍ର ଗଠନ ★ ସମାଜରେ ହସ୍ତ ଅରଣ୍ୟରେ ମସ୍ତକ

ଙ) **ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସାଧନା :-**

★ ନିୟମିତ ସାଇ ସାହିତ୍ୟ ଅଧ୍ୟୟନ

★ ଆମ ଦୃଷ୍ଟିଭଙ୍ଗୀ, ଆମ ଲକ୍ଷ୍ୟ ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ

★ କାମନାର ସୀମାଙ୍କନ ★ ଚାରି ପୁରୁଷାର୍ଥ

ଚ) **ଶ୍ରୀ ସତ୍ୟସାଇ ବାହିନୀ :-**

★ ଶ୍ରୀ ରାମ ବିଗ୍ରହବାନ ଧର୍ମ ★ଦାସୋଽହଂ କୋଶଳେନ୍ଦ୍ରସ୍ୟ

★ ନବଧା ଭକ୍ତି ★ ଶୁକ ମୁନୀଙ୍କ ଭାବାମୃତ ପରିବେଷଣ - ଭାଗବତ

● ପାରିବାରିକ ଓ ଛୋଟ ଛୋଟ ଦଳରେ ପାଠଚକ୍ରମୁ ପ୍ରୋତ୍ସାହିତ କରାଯିବ।

**ଗୃହେ ଗୃହେ ପାଠଚକ୍ର :-**

● ପାରିବାରିକ ସାଧନା ଭାବରେ ଗୃହେ ଗୃହେ ପାଠଚକ୍ରକୁ ପ୍ରଣୟନ କରାଯାଉଛି। ପରିବାରର ସଦସ୍ୟମାନେ ମିଳିତ ଭାବରେ ବସି ଏହି ପାଠଚକ୍ର ବିଷୟବସ୍ତୁକୁ ନେଇ ଅଧ ଘଣ୍ଟା ପାଇଁ ଆଲୋଚନା କରିପାରିବେ। ଏଥିରେ ପରିବାରର ଶିଶୁମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିବେ। ଆବଶ୍ୟକ ସ୍ଥଳେ ପାଖ ପଡୋଶୀ ଓ ସାଇ ଆଶ୍ରିତମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିପାରନ୍ତି। ପାଠଚକ୍ରର ମୁଖ୍ୟ ଆଲୋଚନା ଭାବରେ ସାଇ ପରିବାରର ଜଣକୁ ନିମନ୍ତ୍ରଣ କରିପାରନ୍ତି।

● ନିମ୍ନଲିଖିତ ବିଷୟବସ୍ତୁ ଗୁଡିକରୁ ପ୍ରତିମାସରେ ଯେକୌଣସି ଗୋଟିଏ ବିଷୟବସ୍ତୁକୁ ନେଇ ଆଲୋଚନା କରିବେ।

★ ନାମସ୍ମରଣ ଆବଶ୍ୟକୀୟ କି ? ★ ଲିଖିତ ଜପ ଏକାଗ୍ରତାର ପଥ

★ ସାଇ ସାହିତ୍ୟ ସବୁ ସମସ୍ୟାର ସମାଧାନ ★ WATCH

★ ପରିବାରରେ ସମ୍ମାନ ଓ ସ୍ନେହ ★"ଟେଲି ବିଷମ୍"

★ଉପଯୁକ୍ତ କାର୍ଯ୍ୟ, ଉପଯୁକ୍ତ ସମୟରେ, ଉପଯୁକ୍ତ ଢଙ୍ଗରେ

★ ଆମ ପ୍ରତିବେଶୀ ଈଶ୍ୱରଙ୍କ ସଂଯୋଗ ★ HOME AND HOUSE

★ପରିବାରରେ ସମ୍ମାନ ଓ ସ୍ନେହ

★ ଆମ ଘରେ ଗୁରୁବାର ଏକ ସାଧନର ସୁଯୋଗ

★ ରୁଦ୍ରପାଠ ବେଦମନ୍ତ୍ର ପରିବେଶକୁ ଦିବ୍ୟାୟିତ କରେ ★ ପଂଚମାତା

★ ପଂଚ ଯଜ୍ଞ ★ ସତ୍ୟଂ ମାତା ଜ୍ଞାନଂ ପିତା.... ମିତ୍ର ବାନ୍ଧବାଃ

★ ସେବାରେ ଆନନ୍ଦ ★ ବାଳବିକାଶରୁ ଲୋକବିକାଶ

★ ଜୀବନରେ ମହାପୁରୁଷଙ୍କ ଜୀବନୀ ★ ଗୃହ ମନ୍ଦିର





★ ପୂଜାଗୃହର ଗୁରୁତ୍ୱ ★ ସ୍ୱାମୀ ଆମ ପରିବାରର ମୁଖ୍ୟ

★ ସକଳ ଘଟେ ନାରାୟଣ ★ପାକ, ପାତ୍ର ଓ ପଦାର୍ଥ ଶୁଦ୍ଧି

★ ସ୍ୱଚ୍ଛତ୍ୱରୁ ଦୈବତ୍ୱ ★ ପ୍ରାର୍ଥନା ଏକ ଅନନ୍ୟ ସହଯୋଗୀ

**(ଘ) ସାଧନା ଶିବିର :-**

● ଜିଲ୍ଲାସ୍ତରରେ ବର୍ଷକୁ ୧ଟି ଓ ସମିତି ସ୍ତରରେ ସଂଲଗ୍ନ ଭଜନମଣ୍ଡଳୀ ଗୁଡିକୁ ନେଇ ୩ମାସରେ ୧ଟି ସାଧନା ଶିବିରର ଆୟୋଜନ କରାଯିବ।

● ସାଧନା ଶିବିରରେ ୧ଘଣ୍ଟା ଜପ, ଜ୍ୟୋତି ଧ୍ୟାନ, ମନ୍ତ୍ରାବୃତ୍ତି, ଲିଖିତ ଜପ, ବେଦପାଠ ଆଦି ସାଧନାର ଅଭ୍ୟାସ କରାଯିବି ଓ ଆଉ ୨ଘଣ୍ଟା ସାଧନା ସମ୍ପର୍କିତ କୌଣସି ବିଷୟରେ ଆଲୋଚନା କରାଯିବ।

● ଜିଲ୍ଲାସ୍ତରରେ ଆୟୋଜିତ ସାଧନା ଶିବିର ୪ଘଣ୍ଟା ପାଇଁ ଆୟୋଜନ କରାଯାଇଥିବା ବେଳେ ସମିତି ସ୍ତରରେ ଏହାକୁ ୩ଘଣ୍ଟା ପାଇଁଆୟୋଜନ କରାଯିବ। ସାଧନା ଶିବିରରେ ଆୟୋଜିତ ବିଷୟବସ୍ତୁର ତାଲିକା ନିମ୍ନରେ ପ୍ରଦାନ କରାଗଲା।

**ବିଷୟବସ୍ତୁ :-**

★ ଜପ ଓ ଧ୍ୟାନ ବିନା ସଂଯୋଗ ନେହିଁ ★ ସାଧନା ଏକ ଅନ୍ତର୍ମୁଖୀ ଯାତ୍ରା

★ ଜ୍ୟୋତି ଧ୍ୟାନ ଦିବ୍ୟତ୍ୱ ଉପଲବ୍ଧିର ଦିବ୍ୟସମ୍ଭବଃ

★ ଅଷ୍ଟୋତ୍ତର ଶତନାମ ଆମ ସାଧନାକୁ ପୁଷ୍ଟ ଓ ସୁରକ୍ଷିତ କରିବାର ମାର୍ଗ

★ କାମନାର ସୀମାଙ୍କନ ଏକ ଉତ୍ତମ ସାଧନା

★ ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟଂ ବରାଂ ନିବୋଧତ

★ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସାଧନା ★ଜୀବନରେ ସାଧନାର ମହତ୍ୱ

★ ସଂଗଠନ ଓ ସାଧନା ★ ସାଇ ସାଧକର ଆଚରଣ

★ ନ ଶ୍ରେୟୋ ନିୟମଂ ବିନା ★ ମୋ ଜୀବନରେ ଶ୍ରୀ ସତ୍ୟସାଇ

★ ଅଷ୍ଟ ପୁଷ୍ପ ★ ଭକ୍ତ କିଏ ? ★ ପଂଚ ମାନବୀୟ ମୂଲ୍ୟବୋଧ

★ଶ୍ରୀ ସତ୍ୟସାଇ ସଂଗଠନର ବିଭାଗ ତ୍ରୟ - ଭକ୍ତି, କର୍ମ ଓ ଜ୍ଞାନର ପରିପୋଷଣ

★ ପଂଚ "ଡ" କାର ★ ତ୍ରିକରଣ ସୁଦ୍ଧି ★ ପଂଚ ଯଜ୍ଞ

- ଚଳିତ ବର୍ଷ ୩୫ଟି ସାଇ ଜିଲ୍ଲାରେ ରହିଥିବା ସାଧନା ଶିବିର ଆଲୋଚକମାନଙ୍କର ଏକ ଦୁଇଦିନିଆ ସତସଙ୍ଗ (ରାଜ୍ୟସ୍ତରୀୟ) ଆୟୋଜନ କରାଯିବ।

**(୪) ବେଦ :-**

**ବେଦ ଶିକ୍ଷା :-**

- ପ୍ରତ୍ୟେକ ଜିଲ୍ଲାରେ ବାଳବିକାଶ ଗୁରୁ ଓ ଗୁରୁ ମା'ମାନେ ବେଦ ଶିକ୍ଷା କରିବେ।
- ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ବେଦ ଶିକ୍ଷା ଦିଆଯିବ।
- ଜାତୀୟ ତଥା ରାଜ୍ୟସ୍ତରରେ ଅଧିକ ବେଦ ପ୍ରଶିକ୍ଷକ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ।
- ବିଦ୍ୟାବିହାର, ବିଦ୍ୟାଜ୍ୟୋତି ତଥା ଅନ୍ୟାନ୍ୟ ବିଦ୍ୟାଳୟମାନଙ୍କରେ ବେଦ ଶିକ୍ଷା ପାଇଁ ଲକ୍ଷ୍ୟ ରଖାଯାଇଛି।
- ପ୍ରତ୍ୟେକ ସୂକ୍ତମ୍ ର ଅନ୍ତରାର୍ଥକୁ ନାଟକ ରୂପରେ ଭିଡିଓ ପ୍ରସ୍ତୁତ କରାଯିବ।

**ବେଦ ଅନୁଷ୍ଠାନ :-**

- ଅଧିକ ସଂଖ୍ୟାରେ ତ୍ରୟୀ ରୁଦ୍ରମ୍, ବେଦପୁରୁଷ ପରିକ୍ରମା, ରୁଦ୍ରାର୍ପିତମ୍, ମହାରୁଦ୍ରମ୍ ଆୟୋଜନ ଉପରେ ଗୁରୁତ୍ୱ ଦିଆଯିବ।
- ତ୍ରୟୀ ଜ୍ଞାନମ୍ ନାମରେ ମାସିକ ବେଦ ସମ୍ବନ୍ଧୀୟ ସତସଙ୍ଗର ଆୟୋଜନର ଲକ୍ଷ୍ୟ ରଖାଯାଇଛି।
- ବେଦପାଠୀମାନଙ୍କ ମଧ୍ୟରେ ବେଦ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ପ୍ରତ୍ୟେକ ଜିଲ୍ଲାରେ "ବେଦପାଠୀ ମିଳନ" ଆୟୋଜନ କରାଯିବ।
- ବିଭିନ୍ନ ପର୍ବପର୍ବାଣୀରେ ରାଜ୍ୟସ୍ତରୀୟ ସମୂହ ବେଦପାଠର ଆୟୋଜନ କରାଯିବ।
- ପୂର୍ବ ଅନୁମତି ନେଇ ବିଭିନ୍ନ ଧର୍ମ ପୀଠରେ ବେଦପାଠର ଆୟୋଜନର ଲକ୍ଷ୍ୟ ରଖାଯାଇଛି।

**ବେଦ ସମ୍ପ୍ରସାରଣ :-**

- ଦୀର୍ଘ ଦିନ ଶଯ୍ୟାଶାୟୀ ରୋଗୀମାନଙ୍କର ଆରୋଗ୍ୟ ପାଇଁ ପ୍ରତ୍ୟେକ ବେଦପାଠୀମାନଙ୍କ ଦ୍ୱାରା ବେଦ ମନ୍ତ୍ର ଉଚ୍ଚାରଣ ହେବ।





- ରାଜ୍ୟସ୍ତରରେ ପ୍ରଶାନ୍ତି ବିଦ୍ୱାନ ମହାସଭା ଗଠନ ହେବ।
- ସାଇ ସବୁଜିମାରେ ବେଦ, ଉପନିଷଦ ନାମରେ ବୃକ୍ଷରୋପଣ କରାଯିବ।
- ବେଦ ସମ୍ବନ୍ଧୀୟ ନୃତ୍ୟ ଓ ନାଟକଗୁଡିକ ସଂଗଠନ ତଥା ସର୍ବସାଧାରଣରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଉପରେ ଗୁରୁତ୍ୱ।
- ବେଦଜ୍ଞାନର ପ୍ରସାର ପାଇଁ ତଥା ସ୍ୱାଧ୍ୟାୟର ଅଗ୍ରଗତି ପାଇଁ ନିୟମିତ ସାପ୍ତାହିକ ଅନ୍‌ଲାଇନ୍ ବେଦ କୁଇଜ୍ କରାଯିବ।

**(୫) ସେମିନାର ଓ ସିମ୍ପୋଜିୟମ୍ :-**

- ପ୍ରତ୍ୟେକ ଜିଲ୍ଲା ଚଳିତ ବର୍ଷ ଅନ୍ୟୁନ ୨ଟି ଲେଖାଏଁ ସେମିନାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜନ କରିବେ। ଏଥି ନିମନ୍ତେ ଜିଲ୍ଲାସ୍ତରୀୟ ବୁଦ୍ଧିଜୀବୀମାନଙ୍କୁ ପ୍ରସ୍ତୁତ କରିବା ପାଇଁ ମଣ୍ଡଳସ୍ତରରେ ୪ଗୋଟି କର୍ମଶାଳା ସତସଙ୍ଗର ଆୟୋଜନ କରାଯିବ।

**ବିଦ୍ୟାଳୟ ନିମନ୍ତେ ବିଷୟ :-**

★ ନୈତିକ ଶିକ୍ଷା ଉତ୍ତମ ଚରିତ୍ର ଗଠନର ମୂଳଦୂଆ
★ ସୁନ୍ଦର ଜୀବନ ପାଇଁ ଶୃଙ୍ଖଳା ଓ ଅନୁଶାସନର ମହତ୍ୱ
★ ମୂଲ୍ୟବୋଧ ଶିକ୍ଷା ବିନା ଜୀବନ ମୂଲ୍ୟହୀନ★ ସଂଚୟ ଏକ ସ୍ପୃହଣୀୟ ସାଧନା
★ ମୋ ବିଦ୍ୟାଳୟ ପାଇଁ ମୁଁ ଗର୍ବିତ ★ ମାତୃ, ପିତୃ ଋଣ - ଶୁଝିବି ମୁଁ ଅନୁକ୍ଷଣେ

**ମହାବିଦ୍ୟାଳୟ ନିମନ୍ତେ ବିଷୟ :-**

★ ସର୍ବଧର୍ମ ସମନ୍ୱୟ ★ ଜୀବିକା ପାଇଁ ଶିକ୍ଷା ଓ ଜୀବନ ପାଇଁ ବିଦ୍ୟା
★ ଚିନ୍ତା ଓ ସମୟର ସୁପରିଚାଳନା
★ ଭାରତୀୟ ସଂସ୍କୃତି ଓ ମୁଁ ତାହାର ଉପଯୁକ୍ତ ଦାୟାଦ★ସ୍ୱାଧ୍ୟାୟ ମନନ ଓ ନିଧିଧ୍ୟାସନ
★ମୁଁ ବଦଳିଲେ ସମାଜ ବଦଳିବ

**(୬) ପ୍ରଜ୍ଞା ପ୍ରଦର୍ଶନୀ (Exhibition) :-**

- ରାଜ୍ୟ ପ୍ରଜ୍ଞା ପ୍ରଦର୍ଶନୀ Exhibit ଗୁଡିକର ସଂଖ୍ୟାର ଅଭିବୃଦ୍ଧି (ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ ଶାନ୍ତି)।
- ଜିଲ୍ଲାସ୍ତରୀୟ ସର୍ବସାଧାରଣ ଆଂଚଳିକ ଉତ୍ସବଗୁଡିକରେ ବର୍ଷକୁ ଅନ୍ୟୁନ ଗୋଟିଏ ପ୍ରଜ୍ଞା ପ୍ରଦର୍ଶନୀ ଆୟୋଜନ କରିବେ।

- ପ୍ରଜ୍ଞା ପ୍ରଦର୍ଶନୀ ଗୁଡିକର ପ୍ରଦର୍ଶନକାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରାଜ୍ୟସ୍ତରରେ ଆୟୋଜିତ ହେବ।
- ରାଜ୍ୟ ପ୍ରଜ୍ଞା ପ୍ରଦର୍ଶନୀର ସଂଖ୍ୟା ବୃଦ୍ଧି ପାଇଁ କେତେଗୁଡିଏ ନୂତନ ବିଷୟକୁ ଗ୍ରହଣ କରାଯାଇଛି। ପ୍ରଜ୍ଞା ପ୍ରଦର୍ଶନୀ ପ୍ରତି ଆଗ୍ରହୀ ସାଇ ଆଶ୍ରିତମନେ ଏଥିରେ ଅଂଶଗ୍ରହଣ କରି ସେମାନଙ୍କର ସେବା ପ୍ରଦାନ କରିପାରିବେ।

**(୭) ବାହିନୀ ପାରାୟଣ :-**

- ଚଳିତ ବର୍ଷ ରାମକଥା ରସବାହିନୀ, ଭାଗବତ ବାହିନୀ, ସନ୍ଦେହ ନିବାରିଣୀ ଭଗବାନଙ୍କ ସ୍ୱରଚିତ ଏହି ତିନୋଟି ବାହିନୀକୁ ପାରାୟଣ ପୁସ୍ତକ ଭାବରେ ସାଇ ଆଶ୍ରିତମାନେ ଗ୍ରହଣ କରି ଏହାର ନିୟମିତ ସ୍ୱାଧ୍ୟାୟ କରିବେ ତତ୍ ସହିତ ପାଠଚକ୍ରରେ ବାହିନୀ ପୁସ୍ତକଗୁଡିକୁ ସହାୟକ ଗ୍ରନ୍ଥ ଭାବରେ ଗ୍ରହଣ କରାଯାଇ ଆଲୋଚନା କରାଯିବ।

**(୮) ସାଂସ୍କୃତିକ କାର୍ଯ୍ୟକ୍ରମ :-**

- ଭଜନମଣ୍ଡଳୀ, ସମିତି, ଜିଲ୍ଲା, ରାଜ୍ୟ ତଥା ପର୍ତ୍ତିଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଆଧାତ୍ମିକତା ମୂଲ୍ୟବୋଧ, ସାଂଗଠନିକ କୁ ଭିତ୍ତି କରି ଆୟୋଜିତ ହେବ। ଯେକୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ ନିଶ୍ଚିତ ରୂପେ ରାଜ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଇନ୍‌ଚାର୍ଜଙ୍କ ଠାରୁ ଅନୁମତି ଗ୍ରହଣ କରାଯିବ।
- ନୃତ୍ୟ ପାଇଁ ଗ୍ରହଣ କରାଯାଇଥିବା ବାହାରର ଭଜନଗୁଡିକ ଗ୍ରହଣଯୋଗ୍ୟ କି ନୁହେଁ ତାହା ପ୍ରସ୍ତୁତି ପୂର୍ବରୁ ନିର୍ଦ୍ଦିଷ୍ଟ କରାଯିବା ଆବଶ୍ୟକ।
- ଅଭିନୟ କ୍ଷେତ୍ରରେ ଭାଷା, ସଂଳାପ, ଅଙ୍ଗଭଙ୍ଗୀ ଓ ବେଶରୂପ ରୁଚିସମ୍ପନ୍ନ ଓ ପ୍ରଶାନ୍ତି ନିୟମାନୁମୋଦିତ ହେବା ଆବଶ୍ୟକ।
- ଉପରୋକ୍ତ ତଥ୍ୟଗୁଡିକ ଉଲଘଂନ କରାଯାଉଥିଲେ କାର୍ଯ୍ୟକ୍ରମ ପ୍ରଦର୍ଶନ ସମୟରେ ମଧ୍ୟ ଏହାକୁ ନିଷିଦ୍ଧ କରାଯାଇପାରେ।

**(୯) ଗ୍ରୀଷ୍ମ ଶିକ୍ଷା ଶିବିର :-**

- ଚଳିତ ବର୍ଷ ପ୍ରତ୍ୟେକ ଜିଲ୍ଲାସ୍ତରରେ ବିଭିନ୍ନ ମହାବିଦ୍ୟାଳୟରୁ ଚୟନ ହୋଇଥିବା ଛାତ୍ରଗୋଷ୍ଠୀଙ୍କୁ ନେଇ ଗୋଟିଏ ଲେଖାଏଁ ଗ୍ରୀଷ୍ମ ଶିକ୍ଷା ଶିବିର ଆୟୋଜନ





କରାଯିବ। ଏହି ଶିକ୍ଷା ଶିବିରର ବିଷୟକୁ ଭଗବାନ ବାବାଙ୍କ ଦ୍ୱାରା ପ୍ରଦତ୍ତ "ଅମୃତ ଧାରା" ସମ୍ଭାଷଣ ପୁସ୍ତକରୁ ଚୟନ କରାଯିବ।

**(୧୦) ମିଡିଆ :-**

- ସଂଗଠନର କୌଣସି କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମ (ଖବରକାଗଜ, ଟିଭି, ଫେସ୍‌ବୁକ୍, ଟ୍ୱିଟର, ୱାଟ୍‌ସଅପ୍, ଇନଷ୍ଟାଗ୍ରାମ୍) ପ୍ରଭୃତିରେ ପ୍ରକାଶ କରିବା ପୂର୍ବରୁ ବା ଫଟୋ ପକାଇବା ପୂର୍ବରୁ "ରାଜ୍ୟ ବିଷୟବସ୍ତୁ ସମୀକ୍ଷା କମିଟି"ଙ୍କ ଅନୁମତି ନେବା ଆବଶ୍ୟକ।
- ପ୍ରିୟ ପର୍ତ୍ତିସୁଧାର ପ୍ରସାରଣ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସଂପ୍ରତି ଏହି କାର୍ଯ୍ୟକ୍ରମରେ ଭଗବାନଙ୍କର ଦର୍ଶନ, ଭଜନ ସହ ଭଗବାନଙ୍କର ଜୀବନପୋଷକ ବାର୍ତ୍ତା ସ୍ଥାନ ପାଇବ।
- ପର୍ତ୍ତିସୁଧାକୁ ପ୍ରତ୍ୟେକ ଜିଲ୍ଲା ଓ ପ୍ରତ୍ୟେକ ସାଇ ଆଶ୍ରିତ ନିଜର ଆନ୍ତରିକ ପ୍ରେମ ଓ ସମ୍ମାନ ପ୍ରଦର୍ଶନ କରିବେ। ଶ୍ରୀ ସତ୍ୟସାଇଙ୍କ ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ରଖୁଥିବା ବ୍ୟକ୍ତି ଓ ପରିବାରକୁ ଏହି କାର୍ଯ୍ୟକ୍ରମର ପ୍ରସାରଣ ସମୟ ସମ୍ପର୍କରେ ସୂଚନା ପ୍ରଦାନ କରିବେ।

**(୧୧) ନୂତନ ସାଇକେନ୍ଦ୍ର :-**

- ଚଳିତ ବର୍ଷ ପ୍ରତ୍ୟେକ ସମିତି ଦୁଇଟି ଓ ଭଜନମଣ୍ଡଳୀ ଗୋଟିଏ ନୂତନ ସ୍ଥାନରେ ଭଜନ, ନଗର ସଂକୀର୍ତ୍ତନ/ବାଳବିକାଶ/ସେବା, ନାରାୟଣ ସେବା/ ପାଠଚକ୍ର ଶୁଭାରମ୍ଭ କରିବେ ଏବଂ ବର୍ଷବ୍ୟାପୀ ଏହି କେନ୍ଦ୍ରର ପରିଚାଳନା ପାଇଁ ସେବାଦଳ କର୍ମୀ, ଅଗ୍ରଗାୟକ ଓ ବାଳବିକାଶ ଗୁରୁମାନଙ୍କୁ ନିୟୋଜିତ କରିବେ। ଆବଶ୍ୟକ ସ୍ଥଳେ ରାଜ୍ୟ ସାଇକେନ୍ଦ୍ର ଇନ୍‌ଚାର୍ଜଙ୍କ ସହ ଯୋଗାଯୋଗ କରି ପରାମର୍ଶ ଗ୍ରହଣ କରିପାରିବେ।

**୧୨) ସମିତି ଦର୍ଶନ :-**

- ସମିତି ଦର୍ଶନ କାର୍ଯ୍ୟକ୍ରମରେ ପ୍ରାର୍ଥନା ଗୃହର ପରିବେଶ, ଆୟୋଜିତ ଭଜନ ଓ କାର୍ଯ୍ୟକ୍ରମର ମାନ ନିର୍ଦ୍ଧାରଣ, ଉପସ୍ଥାନ ଓ ରେକର୍ଡ ତଦାରଖ, ସାଇ ଆଶ୍ରିତ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଥିବା ଆତ୍ମୀୟତା ଓ ସାର୍ବଜନୀନ ସାଂଗଠନିକ ଶୃଙ୍ଖଳା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ କେନ୍ଦ୍ରଗୁଡିକର ସର୍ବୋଚ୍ଚ ଉନ୍ନତି ନିମନ୍ତେ ବିହିତ ପଦକ୍ଷେପମାନ ଗ୍ରହଣ କରାଯିବ।

**୧୩) ଧ୍ୟାନ ବୃକ୍ଷ :-**

- ପ୍ରତିଷ୍ଠିତ ଧ୍ୟାନ ବୃକ୍ଷ ପ୍ରତ୍ୟେକ ସାଇ ଆଶ୍ରିତଙ୍କ ନିମନ୍ତେ ଓ ସାଇକେନ୍ଦ୍ର ନିମନ୍ତେ ଭଗବାନଙ୍କର ପ୍ରତିନିଧି ସ୍ୱରୂପ। ଏହି ବୃକ୍ଷଙ୍କ ଚତୁଃପାର୍ଶ୍ୱରେ ଏକ ପବିତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ଆମର ପରମ କର୍ତ୍ତବ୍ୟ। ଏହି ବୃକ୍ଷଙ୍କୁ ଦର୍ଶନ କରିବାର ଓ ଏହାଙ୍କର ପାର୍ଶ୍ୱରେ ବସି ଧ୍ୟାନ କରିବାର ଅପୂର୍ବ ଅନୁଭବକୁ ପ୍ରତ୍ୟେକ ସାଇଆଶ୍ରିତ କିପରି ନିଜସ୍ୱ ଉପଲବ୍ଧି ଲାଭ କରିପାରିବେ ସେଥିପାଇଁ ଆଧ୍ୟାତ୍ମିକ ସଂଯୋଜକମାନେ ଯତ୍ନବାନ ହେବେ।

**୧୪) ପର୍ତ୍ତିଯାତ୍ରା, ଜ୍ୟୋତିଯାତ୍ରା ଓ ପ୍ରେମପ୍ଲାବନ ଯାତ୍ରା :-**

- ଓଡିଶାର ନବାଗତ ଓ ଆଗ୍ରହୀ ଶ୍ରୀ ସତ୍ୟସାଇ ପ୍ରେମୀମାନଙ୍କୁ ପୁଟ୍ଟପର୍ତ୍ତି ଦର୍ଶନ ନିମନ୍ତେ ବର୍ଷକୁ ଗୋଟିଏ ପର୍ତ୍ତିଯାତ୍ରାର ଆୟୋଜନ କରାଯିବ। ଚଳିତ ବର୍ଷ ଅଗଷ୍ଟ ମାସରେ ଏହାର ଆୟୋଜନ କରାଯିବ। ଏଥିରେ ମୁଖ୍ୟତଃ ନବାଗତ ସାଇ ଆଶ୍ରିତ, ପୋଷ୍ୟଗ୍ରାମ, ଶ୍ରୀ ସତ୍ୟସାଇ ଗୃହନିର୍ମାଣ ଯୋଜନା ଗ୍ରାମର ଗ୍ରାମବାସୀମାନଙ୍କର ଯାତ୍ରା ନିମନ୍ତେ ଗୁରୁତ୍ୱ ଦିଆଯିବ।
- ଜ୍ୟୋତିଯାତ୍ରାକୁ ଚଳିତ ବର୍ଷ ଅଧିକ ବ୍ୟାପକ ରୂପରେ ଆୟୋଜନ କରିବା ପାଇଁ ସାଇ ଆଶ୍ରିତମାନଙ୍କ ଗୃହ ସମେତ ବାଳବିକାଶ ଛାତ୍ରଛାତ୍ରୀଙ୍କ ଗୃହ ଓ ଆଗ୍ରହୀ ସାଧାରଣ ବ୍ୟକ୍ତିବିଶେଷଙ୍କ ଗୃହକୁ ଗ୍ରହଣ କରାଯିବ। ଏହା କାର୍ତ୍ତିକ ମାସ ବ୍ୟାପୀ ଆୟୋଜିତ ହୋଇ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମହାଜ୍ୟୋତି ଦର୍ଶନ ସହ ଉଦ୍‌ଯାପିତ ହେବ। ଆବଶ୍ୟକ ସ୍ଥଳେ ଜ୍ୟୋତିଙ୍କର ସଂଖ୍ୟା ବୃଦ୍ଧି ସହ ଗୋଟିଏ କେନ୍ଦ୍ର ଅଧିନରେ କର୍ମକର୍ତ୍ତାଙ୍କ ସହଯୋଗକୁ ଲକ୍ଷ୍ୟ କରି ଗୋଟିଏ ଦିନରେ ଦୁଇଟି ପରିବାରରେ ଏହାର ଆୟୋଜନ କରାଯାଇପାରିବ।
- ପାଂଚବର୍ଷର ଯୋଜନାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପ୍ରେମପ୍ଲାବନ ଯାତ୍ରା ଅଧିକରୁ ଅଧିକ ଗ୍ରାମକୁ ସଂଯୁକ୍ତ କରିବା ପାଇଁ ଚେଷ୍ଟା କରାଯିବ।

*





# ସେବା ବିଭାଗ

## ଗ୍ରାମ ସେବା ହିଁ ରାମ ସେବା

ସ୍ୱାମୀଙ୍କ ଅପାରକରୁଣାରୁ ଭାରତର ପୂର୍ବ ପ୍ରାନ୍ତ ଆମର ଏହି ଗ୍ରାମ ବହୁଳ ସୁନ୍ଦର ରାଜ୍ୟ ୩୦ଟି ରାଜସ୍ୱ (୩୫ଟି ସାଇ ଜିଲ୍ଲା)ରେ ବିଭକ୍ତ ହୋଇଛି । ଆମ ରାଜ୍ୟର ଅର୍ଥ ନୈତିକ ଦୃଷ୍ଟିକୋଣରୁ ତଥା ଶ୍ରୀ ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସ୍ତରରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଭଗବାନ ତାଙ୍କ ୬୦ ତମ ଜନ୍ମଦିବସରେ ସଂଗଠନ ମାଧ୍ୟମରେ ସମଗ୍ର ଦେଶରେ ଅନ୍ତତଃପକ୍ଷେ ୬୦୦୦ ଗ୍ରାମରେ ଗ୍ରାମସେବା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାମୀଙ୍କ ଜନ୍ମ ଶତବାର୍ଷିକୀରେ ଗ୍ରାମସେବା ରୂପେ ୬୦୦୦ ଗ୍ରାମ ପ୍ରଭୁଙ୍କ ପାଦପଦ୍ମରେ ଅର୍ପଣ କରିବାକୁ ସମ୍ମାନୀୟ ଅଖିଳ ଭାରତୀୟ ସଭାପତି ନିଷ୍ପତି ନେଇଛନ୍ତି । ତେଣୁ ଗ୍ରାମସେବା ଶ୍ରୀ ସତ୍ୟସାଇ ସେବା ସଂଗଠନର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏକ ଦିବ୍ୟ ପବିତ୍ର ସାଧନା ରୂପେ ଉଦ୍ଦିଷ୍ଟ ।

୧) ଏହି କ୍ରମରେ ପ୍ରତ୍ୟେକ ସମିତି ତାଙ୍କ ଭଜନ ମଣ୍ଡଳୀ ମିଶି ୨ଟି ଗ୍ରାମକୁ ପୋଷ୍ୟ ଗ୍ରାମ ରୂପେ ଚୟନ କରିବେ । ଆମ ଓଡିଶା ସଂଗଠନର ୨୧୦ ସମିତି ଏହି ପରିଭାବରେ ୪୨୦ ଗ୍ରାମକୁ ୨୦୨୫ ମସିହା ଅବତାର ପ୍ରକ୍ରଟନ ଦିବସ ଅକ୍ଟୋବର ମାସ ୨୦ ତାରିଖରେ ପ୍ରଭୁଙ୍କୁ ଜନ୍ମ ଶତବାର୍ଷିକ ଭେଟି ପ୍ରଦାନ କରିବା ।

- ପ୍ରକାଶ ଥାଉକି ଯଦି କୌଣସି ସମିତି ଆନୁକୂଲ୍ୟରେ ପରିଚାଳିତ ଶ୍ରୀ ସତ୍ୟସାଇ ପୂର୍ଣ୍ଣାଙ୍ଗ / ଆଦର୍ଶ ଗ୍ରାମସେବା ଗ୍ରାମ, ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ଗ୍ରାମ, ସାଇ ପ୍ରେମଧାରା ଗ୍ରାମ କିମ୍ବା ଏସ୍ଆରପି ରୋଗୀଙ୍କ ଗ୍ରାମ ନିଆଯାଇଥାଏ ତେବେ ନୂତନ ଭାବେ ଆଉ ଦୁଇଟି ଗ୍ରାମ ଚୟନ କରିବା ଆବଶ୍ୟକ ନାହିଁ । ଉଦାହରଣ - ଲିଙ୍ଗରାଜ ସମିତି ଆନୁକୂଲ୍ୟରେ ବିଦ୍ୟାଜ୍ୟୋତି ସ୍କୁଲ ପରିଚାଳିତ ହେଉଛି । ଏହି ସ୍କୁଲ ଅବସ୍ଥିତଥିବା ଗ୍ରାମ ସଂଖ୍ୟା = ୧, ଏହା ସହିତ ଆଉ ଯଦି କିଛି ଗ୍ରାମ ନିଆ ନ ଯାଇଥାଏ, ତେବେ ନୂତନ ଭାବେ ଆଉ ଗୋଟିଏ ଗ୍ରାମ ଯୋଗ କରିବାକୁ ପଡିବ ।

- **ସମୟ ସୀମା :**

  ୧) ଗ୍ରାମର ସର୍ବେକ୍ଷଣ ତଥା ଚୟନ ପ୍ରକ୍ରିୟା - ଗୁରୁପୂର୍ଣ୍ଣିମା ୨୦୨୧ ସୁଦ୍ଧା କରାଯିବ ।

  ୨) ଚୟନୀତ ଗ୍ରାମରେ ଆବଶ୍ୟକତା ଅନୁସାରେ ସେବା ପ୍ରକଳ୍ପ ନିର୍ଦ୍ଧାରଣ - ଗୁରୁପୂର୍ଣ୍ଣିମାରୁ ଅବତାର ଦିବସ ୨୦୨୧ ମଧ୍ୟରେ ।

  ୩) ଯୋଜନା ପ୍ରସ୍ତୁତି, ସେବାଦଳ ପ୍ରଶିକ୍ଷଣ - ଗୁରୁପୂର୍ଣ୍ଣିମା ଏବଂ ଅବତାର ପ୍ରକଟନ ଦିବସ ୨୦୨୧ ମଧ୍ୟରେ । ପ୍ରଶିକ୍ଷଣ ପାଇଁ ପ୍ରତ୍ୟେକ ଜିଲ୍ଲାର ଗ୍ରାମସେବା ଦାୟିତ୍ୱରେ ଥିବା ଭାଇ / ଭଉଣୀଙ୍କର ଆସନ୍ତା ସେପ୍ଟେମ୍ବର ମାସରେ ରାଜ୍ୟ ସ୍ତରୀୟ ଶିବିର ଅନୁଷ୍ଠିତ ହେବ ।

  ୪) ସେବା କାର୍ଯ୍ୟର ଶୁଭାରମ୍ଭ - ଅବତାର ଦିବସ ୨୦୨୧ ।

  ୫) ସେବା କାର୍ଯ୍ୟର ପରିସମାପ୍ତି ଓ ଅର୍ଘ୍ୟରୂପେ ଅର୍ପଣ - ଅବତାର ପ୍ରକଟନ ଦିବସ ୨୦୨୫ ।

**ପ୍ରମୁଖ ଦାୟିତ୍ୱ** : ଆଧ୍ୟାତ୍ମିକ ବିଭାଗ, ବାଳବିକାଶ ଓ ମହିଳାବିଭାଗ, ସ୍ୱାସ୍ଥ୍ୟ ସେବା, ଯୁବବିଭାଗ, ଟେକ୍ନୋ ଇ ମିଡିଆ ବିଭାଗ, ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରାମୀଣ ଧନ୍ଦା ମୂଳକ ପ୍ରଶିକ୍ଷଣ କେନ୍ଦ୍ର । ଏହି ସବୁକୁ ସେବା ବିଭାଗ ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ସଂଯୋଜିତ କରିବେ ।

**କାର୍ଯ୍ୟପଦ୍ଧତି ଓ ପରିଚାଳନା** : ସଂଗଠନର ତିନି ବିଭାଗର ସମନ୍ୱିତରେ ଗ୍ରାମରେ କାର୍ଯ୍ୟ କରାଯିବ ।

ସର୍ବନିମ୍ନ କାର୍ଯ୍ୟକ୍ରମ ମଧ୍ୟରେ - ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ବାଳବିକାଶ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟସେବାର ପ୍ରାରମ୍ଭ ।

ବ୍ୟୟବହୁଳ ପୁଞ୍ଜି ପ୍ରଧାନ କାର୍ଯ୍ୟକ୍ରମକୁ ବିଶେଷ ପ୍ରାଧାନ୍ୟ ଦିଆଯିବ ନାହିଁ ।

**ସେବାର ବିବିଧ ଦିଗ** : ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୭ଟି ଯତ୍ନ ମଧ୍ୟରୁ ସେବା କାର୍ଯ୍ୟ ଚୟନ କରାଯିବ ।

ନୀରକ୍ଷରତା, ଅସୁସ୍ଥତା, ଅଜ୍ଞତା, ଦାରିଦ୍ର୍ୟ, କୁପୋଷଣ, ଧନ୍ଦାମୂଳକ, କୃଷି ଓ ପ୍ରାଣିମାନଙ୍କ ଯତ୍ନ ଭଳି ସମାସ୍ୟାର ସମାଧାନ କରିବା ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ।





# ସାଇ ପ୍ରେମଧାରା
## (ମା' ଓ ଶିଶୁର ଯତ୍ନ ଧାରା)

ସାଇ ପ୍ରେମଧାରା ପ୍ରକଳ୍ପଟି ମହିଳା ବିଭାଗର ଏକ ମୁଖ୍ୟ କାର୍ଯ୍ୟକ୍ରମ । ଗ୍ରାମାଞ୍ଚଳ ତଥା ସହରିତଳ ଅଞ୍ଚଳର ମାଆ ଓ ଶିଶୁଙ୍କର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତାକୁ ସାକାର ରୂପ ଦେବା ଏହି ପ୍ରକଳ୍ପଟିର ଉଦ୍ଦେଶ୍ୟ । କିଶୋର କିଶୋରୀ, ଜନ୍ମରୁ ୧୨ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟରକ୍ଷା ଓ ରୋଗପ୍ରତିଶୋଧକ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା । ଏସବୁ ଦିଗରେ ସଚେତନତା କରାଇବା ମୁଖ୍ୟ କାର୍ଯ୍ୟ । ମାଆ ଓ ଶିଶୁଙ୍କ ମୁହଁରେ ହସ ଫୁଟାଇବା ତଥା ସେମାନଙ୍କର ସର୍ବାଙ୍ଗୀନ ଯତ୍ନ ଉପରେ ଆଧାରିତ ଏହି ସାଇ ପ୍ରେମଧାରା କାର୍ଯ୍ୟକ୍ରମଟି ମହିଳା ବିଭାଗ, ଯୁବ ବିଭାଗ ତଥା ସଂଗଠନର ୩ଟି ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପଟି ନିଶ୍ଚିତ ଭାବରେ ସଫଳ ହୋଇପାରିବ ଏଥିରେ ସନ୍ଦେହ ନାହିଁ ।

୨୦୨୫କୁ ଆଖି ଆଗରେ ରଖି ଯୋଜନାବଦ୍ଧ ଭାବରେ କେତେଗୁଡିଏ କାର୍ଯ୍ୟଧାର ଆମମାନଙ୍କୁ ବର୍ଷତମାମ ନେବାକୁ ପଡିବ, ଯାହାକି ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ଦିଗରେ ସହାୟ ହୋଇପାରିବ । ଏଥିପାଇଁ ଆମକୁ ଶ୍ରଦ୍ଧା ଓ ପ୍ରେମର ସହିତ ସେବାର ମାର୍ଗକୁ ଆପଣେଇବାକୁ ପଡିବ, ଯାହାକି ଆମକୁ ସମୟକ୍ରମେ ଆତ୍ମସାକ୍ଷାତକାର ଆଡକୁ ନେଇଯିବ ।

### ୨୦୨୧ର କାର୍ଯ୍ୟଧାରା

ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ ପ୍ରଥମ ତ୍ରୈମାସିକ ଯୋଜନା : ଗ୍ରାମ ଚୟନ, ସର୍ଭେ, ହିତାଧିକାରୀଙ୍କର ଚୟନ ଯଥା ଗର୍ଭବତୀ ମା, ବପଦଜନକ ଗର୍ଭ ଧାରଣ କରିଥିବା ମା, ସ୍ତନ୍ୟପାନ କରାଉଥିବା ମା, ୦-୫ ବର୍ଷ, ତଥା ୬-୧୨ ବର୍ଷ ପିଲାଙ୍କର ବୟସ ଅନୁଯାୟୀ ଓଜନ, ପୃଷ୍ଟି ହୀନତାର ସ୍ତର ନରୂପଣ କରି ସେମାନଙ୍କୁ ଚିହ୍ନଟ କରିବାକୁ ପଡିବ । ତତ୍‌ସହିତ ବିଧିବଦ୍ଧ ଭାବରେ ପ୍ରଥମରୁ ଏକ ରେଜିଷ୍ଟର ପ୍ରସ୍ତୁତ କରିବାକୁ ପଡିବ । ପ୍ରତି ୩ ମାସକୁ ଥରେ ପିଲାମାନଙ୍କର ଓଜନ ଓ ପୃଷ୍ଟି ହୀନତାର ସ୍ତର ନିରୂପଣ କରିବା ସହିତ ଡାକ୍ତରଙ୍କର ପରାମର୍ଶ ଅନୁଯାୟୀ ବିହିତ ପଦକ୍ଷେପ ନିଆଯିବ ।

- ଜିଲ୍ଲାସଭାପତି ଏବଂ ଆବାହକଙ୍କ ସହ ଆଲୋଚନା କରି ପ୍ରତି ଜିଲ୍ଲାର ସାଇପ୍ରେମଧାରାର ଇନ୍‌ଚାର୍ଜମାନେ ସେମାନଙ୍କ ଜିଲ୍ଲାରୁ ୪ ଜଣ ସେବାଦଳଙ୍କର

ନାମ ଚୟନ କରିବେ, ଯେଉଁମାନଙ୍କର ଗ୍ରାମସେବାରେ ଶ୍ରଦ୍ଧାର ସହ କାର୍ଯ୍ୟକରିବାର ସ୍ପୃହା ଥିବ ।

- ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଏହି ନାମଗୁଡିକ ତଥା ସର୍ଭେ ସମୟର ସମସ୍ତ ବିବରଣୀ ଜିଲ୍ଲାସଭାପତିଙ୍କ ମାଧମରେ ରାଜ୍ୟକୁ ପଠାଇବାକୁ ଅନୁରୋଧ ।

## ଦ୍ୱିତୀୟ ତ୍ରୈମାସିକ ଯୋଜନା (ଅପ୍ରିଲ, ମେ, ଜୁନ୍) :

କ) ଚୟନ କରାଯାଇଥିବା ସେବାଦଳଙ୍କର ଟ୍ରେନିଂ

ଖ) ସମିତି ଓ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ସାଇପ୍ରେମଧାରାର ଖସଡା ପ୍ରସ୍ତୁତି କରିବେ ।

ଗ) ସାଇପ୍ରେମଧାରା ସେବାସାଧନାର ଆରମ୍ଭରେ - ଗର୍ଭବତୀ ମା, ବିପଜ୍ଜନକ ଗର୍ଭଧାରଣ କରିଥିବା ମା, ସ୍ତନ୍ୟପାନ କରାଉଥିବା ମା ତଥା ପୁଷ୍ଟିହୀନତାର ସ୍ତର ନିରୂପଣ ହୋଇଥିବା ଶିଶୁ (୦-୫) ବର୍ଷ ।

ଏ ସମସ୍ତଙ୍କର ବିବରଣୀ ପ୍ରସ୍ତୁତ କରିବା ଏବଂ ବିଶେଷ ଯତ୍ନ ଆବଶ୍ୟକ କରୁଥିବା ରୋଗୀକୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସଠିକ୍ ଭାବରେ ସେବା କରିବା ସହିତ ସେମାନେ କିପରି ଆମମାନଙ୍କର ସ୍ନେହମମତା ସହ ତାଙ୍କ ପରିବାରର ସ୍ନେହମମତା ପାଇବେ ତାହା ଦେଖିବା ଆମର ମୁଖ୍ୟ କାମ ।

ଘ) ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ସମୂହ ପ୍ରୟାସ ରହିବା ଉଚିତ । ଏହା ସହିତ De-worming, Immunisation ଉପରେ ଗୁରୁତ୍ୱ ଦେବା

ଙ) ଏହାର ରିପୋର୍ଟିଂ ସମିତି ସ୍ତରରୁ ଜିଲ୍ଲାସଭାପତି ଏବଂ ରାଜ୍ୟ ଇନ୍‌ଚାର୍ଜଙ୍କ ପାଖକୁ ଜୁନ ମାସ ଶେଷରେ ପହଞ୍ଚିବା ଦରକାର ।

## ତୃତୀୟ ୩ ମାସ (ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର)

କ) ସଚେତନତା ଶିବିର ଅନୁଷ୍ଠିତ କରିବା ଯେଉଁଥିରେ କି : ସ୍ତନ୍ୟପାନ କରାଇବା, ସନ୍ତାନ ଲାଳନପାଳନ କର୍ମଶାଳା, ଡାକ୍ତରଖାନାରେ ପ୍ରସବ କରାଇବା, ସୁଷମ ଖାଦ୍ୟ, ପାନୀୟ, ରକ୍ତହୀନତା ।

ଖ) ଗର୍ଭବତୀ ମା'ମାନଙ୍କର ଖାଦ୍ୟ ଉପରେ ଗୁରୁତ୍ୱ । ସରକାରୀ ଅନୁଦାନ ଠିକ୍ ଭାବରେ ପହଞ୍ଚୁଛି କି ନାହିଁ ସେଥିପାଇଁ ସଚେତନତା ସୃଷ୍ଟି କରିବା । ଏହି କାର୍ଯ୍ୟକ୍ରମ ପାଇଁ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ସହ ଯୋଗାଯୋଗ ରକ୍ଷା କରି ଆମମାନଙ୍କୁ ଆଗେଇବାକୁ ପଡିବ ।





## ଚତୁର୍ଥ ତ୍ରୈୟମାସ (ଅକ୍ଟୋବର, ନଭେମ୍ବର, ଡିସେମ୍ବର)

କ) ମହିଳା ସଶକ୍ତି କରଣ, ସାଇସ୍ୱାବଲମ୍ବି, ସେଲଫ ହେଲଫ ଗ୍ରୁପ, ବାଳବିକାଶ କ୍ଲାସ ଗାଁର ପିଲାମାନେ ନେଉଥିବେ ।

ଖ) ବାର୍ଷିକ ଉତ୍ସବ ପାଳନ ମାଧମରେ ଏହି କାର୍ଯ୍ୟକ୍ରମର ସଫଳତା ସେହି ଉପଭୋକ୍ତାଙ୍କ ମୁଖରୁ ଶୁଣିବା ।

ଗ) ଏହି ଗ୍ରାମର ସର୍ବାଙ୍ଗିନ କାର୍ଯ୍ୟଧାରାଗୁଡିକୁ ଗ୍ରାମବାସୀଙ୍କ ହସ୍ତରେ ଅର୍ପଣ କରିବା ସହିତ ସଂଗଠନ ଅନୁଭବ କରିବା ଉଚିତ ଯେ ସେମାନେ ସାଇଙ୍କ ଆଶ୍ରିତ ହୋଇ ସୁଖ ଓ ଶାନ୍ତିର ସହିତ ଜୀବନ ଅତିବାହିତ କରୁଛନ୍ତି ଏବଂ ସଂଗଠନର କାର୍ଯ୍ୟରେ ଅଂଶଗ୍ରହଣ କରୁଛନ୍ତି ।

ଘ) ଏହି ଗ୍ରାମର ହିତାଧିକାରୀଙ୍କ ଅନୁଭୂତିକୁ ପାଥେୟ କରି ଆମେ ନୂତନ ଗ୍ରାମ ଚୟନ କରିବା ପାଇଁ ଆଗେଇବା ଦରକାର ।

ଗ୍ରାମବାସୀ ଏବଂ ହିତାଧିକାରୀଙ୍କୁ ନେଇ ପର୍ତ୍ତିଯାତ୍ରା କରାଇବା ।

N.B. - ମା ଓ ଶିଶୁର ଯତ୍ନଧାରା, ସର୍ବେସନ୍ତୁ ନିରାମୟା ପୁସ୍ତକ ଦୁଇଟି ଆମର ପ୍ରଣିଧାନ ଯୋଗ୍ୟ ।

# ସାଇ ସୁଦର୍ଶନ

(ଚକ୍ଷୁଦାନ ଓ ଚକ୍ଷୁ ଯତ୍ନ ସଚେତନତା)

ଏହି ପ୍ରକଳ୍ପର ସୁପରିଚାଳନା ପାଇଁ ସମିତି ସ୍ତରୀୟ ସେବାଦଳମାନଙ୍କୁ ଆସନ୍ତା ଆରାଧନା ମହୋତ୍ସବ ୨୦୨୧ ସୁଦ୍ଧା ଜିଲ୍ଲା ସ୍ତରରେ ଚିହ୍ନଟ କରାଯିବ ।

- ଚକ୍ଷୁର ଯତ୍ନ ପ୍ରତି ସାବଧାନତାକୁ ନେଇ ଅଞ୍ଚଳ ସ୍ତରୀୟ (୭ ରୁ ୯ଟି ଜିଲ୍ଲା)କୁ ନେଇ କର୍ମଶାଳା ପ୍ରଶିକ୍ଷଣ ଶିବିର ଆସନ୍ତା ଅକ୍ଟୋବର ୨୦ ପୂର୍ବରୁ କରାଯିବ ।
- ନିୟମିତ ପରାମର୍ଶ ପାଇଁ ଜିଲ୍ଲା ସ୍ତରରେ ଥିବା ଚକ୍ଷୁ ବିଶେଷଜ୍ଞଙ୍କ ସହ ଯୋଗାଯୋଗ ଓ ସେମାନଙ୍କ ତାଲିକା ପ୍ରସ୍ତୁତ କାର୍ଯ୍ୟ ଆସନ୍ତା ଗୁରୁପୂର୍ଣ୍ଣିମା ସୁଦ୍ଧା ସରିବ ।
- ଉତ୍ତମ ସହଯୋଗୀତା ଓ ଅଧିକ କାର୍ଯ୍ୟକୁସଳତା ପାଇଁ ବେସରକାରୀ ଚିକିତ୍ସାଳୟ ଯଥା ରୋଟାରୀ ଚକ୍ଷୁ ଚିକିତ୍ସାଳୟ କଟକ ଓ ଏଲ୍‌ଭି ପ୍ରସାଦ, ଭୁବନେଶ୍ୱର ଚକ୍ଷୁ ଅନୁଷ୍ଠାନ ସହିତ ଯୋଗାଯୋଗ ସ୍ଥାପନ କରାଯାଇ ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ ।

- ଏହି ବର୍ଷ ମଧ୍ୟରେ ପ୍ରତ୍ୟେକ ଜିଲ୍ଲା ଚକ୍ଷୁ ଦାତାଙ୍କର ପ୍ରତିଶ୍ରୁତି ପତ୍ରର ଏକ ତାଲିକା ପ୍ରସ୍ତୁତ କରି ଏକକିତା ନକଲ ରାଜ୍ୟର ଦାୟିତ୍ୱରେ ଥିବା ଭାଇଙ୍କ ପାଖକୁ ପଠାଇବା । ଏହି କାର୍ଯ୍ୟ ଭଗବାନଙ୍କର ଜନ୍ମୋତ୍ସବ ପୂର୍ବରୁ ସାରିବା ।
- ଶ୍ରୀ ସତ୍ୟସାଇ ବିଦ୍ୟାଳୟ, ବିଦ୍ୟା ଜ୍ୟୋତି ବିଦ୍ୟାଳୟ, ଶ୍ରୀ ସତ୍ୟସାଇ ଗୃହ ପ୍ରକଳ୍ପ ଗ୍ରାମଗୁଡିକରେ ପିଲାମାନଙ୍କର ଚକ୍ଷୁର ଯତ୍ନ ଓ ସୁସ୍ଥତା ସମ୍ବନ୍ଧରେ ଶିକ୍ଷା ଦେବା ଏବଂ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ସହଯୋଗ କରିବା ।
- ମୋତିଆ ବିନ୍ଦୁ ପଡିଯାଇଥିବା ରୋଗୀ ଏବଂ ଚକ୍ଷୁ ରୋଗରେ ସଂକଟାପନ୍ନ ଅବସ୍ଥାରେ ଥିବା ରୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କର ଚିକିତ୍ସାର ସହଯୋଗର ହାତ ବଢାଇବା ।

ଏହି ସବୁ କାର୍ଯ୍ୟକ୍ରମ ଭଜନ ମଣ୍ଡଳୀ / ସମିତି ଓ ଗ୍ରାମ ସେବାରେ ନିଆଯାଇଥିବା ଗ୍ରାମଗୁଡିକୁ ଅନ୍ତର୍ଭୁକ୍ତ ।

## ବିପର୍ଯ୍ୟୟ ସଚେତନତା ଓ ପରିଚାଳନା

ବିପର୍ଯ୍ୟୟ ସମସ୍ତଙ୍କ ପାଇଁ ଆସେ । ନିଜକୁ, ନିଜ ପରିବାରକୁ, ପ୍ରତିକୂଳ ପରିସ୍ଥିତିରେ ଥିବା ଅନ୍ୟମାନଙ୍କୁ ରକ୍ଷା କରିବାର କୌଶଳ ମା ଓ ଭଉଣୀମାନେ ମଧ୍ୟ ଜାଣିବା ଆବଶ୍ୟକ । ଆବଶ୍ୟକ ସ୍ଥଳେ ଭାଇମାନଙ୍କୁ ଅପେକ୍ଷା ନ କରି, ନିଜର ମର୍ଯ୍ୟାଦାର ସୀମା ମଧ୍ୟରେ ରହି ଏହି ବିପର୍ଯ୍ୟୟ ସଚେତନତା ଓ ପରିଚାଳନାରେ ନିଜକୁ ସାମିଲ କରିବେ ।

ବିପର୍ଯ୍ୟୟ ପରିଚାଳନା ଓ ସଚେତନତା କାର୍ଯ୍ୟକ୍ରମ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆଗାମି ପାଞ୍ଚ ବର୍ଷ ମଧ୍ୟରେ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦିଆଯିବ :

- ସମିତିର ଅଧିକ ସଂଖ୍ୟକ ସକ୍ରିୟ କର୍ମୀଙ୍କ ଯୋଗଦାନ ବିପର୍ଯ୍ୟୟ ପରିଚାଳନାକୁ ସହଜ ଓ ତ୍ୱରାନ୍ୱିତ କରିପାରିବା ଆମର ପ୍ରମୁଖ ଭୂମିକା –
- ଅଧିକରୁ ଅଧିକ ସମିତିର ଯୁବ ଭାଇ / ଭଉଣୀମାନଙ୍କୁ ପ୍ରଶିକ୍ଷଣ ଦେବା (୧୮ ବର୍ଷରୁ ଉର୍ଦ୍ଧ୍ୱ) କାରଣ ସେମାନଙ୍କ ଭିତରେ ଅଫୁରନ୍ତ ଶକ୍ତି ଓ ସାହସ ରହିଛି । ଗୁରୁଜନମାନଙ୍କର ପ୍ରେରଣା, ଉତ୍ସାହ ଓ ଉପଦେଶମାନ ନିତ୍ୟାନ୍ତ ଆବଶ୍ୟକ ।





- ଯୁବ ଭଉଣୀମାନଙ୍କୁ (୧୮ ବର୍ଷରୁ ଉର୍ଦ୍ଧ୍ୱ) ବିପର୍ଯ୍ୟୟ ସଚେତନତା ଓ ପରିଚାଳନା ପ୍ରଶିକ୍ଷଣ ପାଇଁ ସଂଗଠିତ କରିବା ।

**୨୦୨୧ – ଆଭିମୁଖ୍ୟ**

- ରାଜ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପାଇଁ ଭାଇମାନଙ୍କ ଦଳର ସଂପ୍ରସାରଣ ଓ ଭଉଣୀମାନଙ୍କର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଦଳ ଗଠନ କରିବା, ଆଗାମି ଅବତାର ପ୍ରକଟନ ଦିବସ ସୁଦ୍ଧା ପ୍ରଶିକ୍ଷଣ ସମାପ୍ତ କରିବା ।
- ସମିତି ସ୍ତରର ଯୁବ ଭାଇ ଓ ଭଉଣୀମାନଙ୍କୁ ବିପର୍ଯ୍ୟୟ ସଚେତନତା ଓ ପରିଚାଳନା ପ୍ରଶିକ୍ଷଣ ଦେବା ପାଇଁ ଆସନ୍ତା ଗୁରୁପୂର୍ଣ୍ଣିମା ପୂର୍ବରୁ ଜିଲ୍ଲା ଦାୟିତ୍ୱରେ ଥିବା ଯୁବ ଭାଇଙ୍କୁ ଜଣାଇବା, ଆବଶ୍ୟକ ସ୍ଥଳେ ଜିଲ୍ଲାର ସମିତି ସମୂହକୁ ନେଇ ଏହି ପ୍ରଶିକ୍ଷଣ କରିବା ।
- ସମିତି ସ୍ତରରେ ନିଆଯାଇଥିବା ଗ୍ରାମମାନଙ୍କରେ ଯୁବ ବୟସ୍କ ପିଲାମାନଙ୍କୁ ସଚେତନତା ଓ ପ୍ରଶିକ୍ଷଣରେ ସାମିଲ କରିବା ।
- ପ୍ରତି ସମିତିରେ ଅବସ୍ଥିତ ଶିକ୍ଷାନୁଷ୍ଠାନରେ ଜିଲ୍ଲାସ୍ତରୀୟ ମୁଖ୍ୟ ବିପର୍ଯ୍ୟୟ ପରିଚାଳନା ଦଳର ସହାୟତାରେ ଗୋଟିଏ ସଚେତନତା କାର୍ଯ୍ୟକ୍ରମ କରାଯିବ ।
- ପ୍ରତି ଜିଲ୍ଲାରେ ଅବସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ବିଦ୍ୟାଳୟରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଦଳ ଦ୍ୱାରା ଅନ୍ତତଃ ଥରେ ସଚେତନତା କାର୍ଯ୍ୟକ୍ରମ ଓ ବିଭିନ୍ନ ଶିକ୍ଷାଅନୁଷ୍ଠାନ/କାର୍ଯ୍ୟାଳୟରେ ବର୍ଷକୁ ଗୋଟିଏ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ।
- ରାଜ୍ୟ ଓ ଜିଲ୍ଲାରେ ଅତି ଆବଶ୍ୟକ ହେଉଥିବା ବିପର୍ଯ୍ୟୟ ପରିଚାଳନା ଉପକରଣ / ଯନ୍ତ୍ରପାତି ସହିତ, ଅତି ଉତ୍ତମ ଦଳ ଗଠନ ଓ ଉପକରଣର ବ୍ୟବହାର ଜନିତ ପ୍ରଶିକ୍ଷଣ ଦିଆଯିବ ।

## ଗ୍ରାମ୍ୟ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର

### (Rural Vocational Training Centre)

- ଶ୍ରୀ ସତ୍ୟସାଇ ଗ୍ରାମାଞ୍ଚଳ ଧନ୍ଦା ମୂଳକ ପ୍ରଶିକ୍ଷଣ କେନ୍ଦ୍ର ଭୁବନେଶ୍ୱର : ଏହି କେନ୍ଦ୍ରରେ ୨୦୨୧ ବର୍ଷରେ ଗୋଟିଏ ବ୍ୟାଚରେ ୧୦ଟି ପିଲାଙ୍କୁ ନେଇ ଦୁଇ ଥରରେ ୨୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ସଫ୍ଟୱେରା ଓ ହାର୍ଡୱେୟାର ପାଇଁ

ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ ମୋବାଇଲ ରିପେୟାରିଂ ପାଇଁ ଗୋଟିଏ ବ୍ୟାଚରେ ୧୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ ।

- ରାୟଗଡ଼ାର ଅମ୍ବାଦୋଳା ଆଞ୍ଚଳିକ ଧନ୍ଦା ମୂଳକ ପ୍ରଶିକ୍ଷଣ କେନ୍ଦ୍ର : ଏହି କେନ୍ଦ୍ରରେ ଗୋଟିଏ ବ୍ୟାଚରେ ୧୦ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ଦୁଇଥରରେ ୨୦ ଜଣଙ୍କୁ ଭିନ୍ନ ଭିନ୍ନ ଧନ୍ଦା ପାଇଁ ଯଥା - ଟେଲରିଂ, ଇଲେକ୍ଟ୍ରିକାଲ ମରାମତି, ପାଣିପମ୍ପ ମରାମତି ଓ ଓଲ୍‌ଡିଂରେ ପ୍ରଶିକ୍ଷଣ ଦିଆଯିବ । ଆବଶ୍ୟକ ଅନୁଯାୟୀ ଜଣକୁ ଦୁଇଟି ଧନ୍ଦାରେ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ପାଇଁ ପ୍ରସ୍ତୁତ କରାଯିବ ।
- ଶ୍ରୀ ସତ୍ୟସାଇ ଗ୍ରାମାଞ୍ଚଳ ଧନ୍ଦା ମୂଳକ ପ୍ରଶିକ୍ଷଣ କେନ୍ଦ୍ର ପାରାଦୀପ ସମିତି : ଏହି କେନ୍ଦ୍ରର ୨୦୨୧ ବର୍ଷରେ ଗୋଟିଏ ବ୍ୟାଚରେ ୨୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ସଫ୍ଟୱେୟାର ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।
- ଶ୍ରୀ ସତ୍ୟସାଇ ଭ୍ରାମ୍ୟମାଣ ଗ୍ରାମାଞ୍ଚଳ ପ୍ରଶିକ୍ଷଣ ଶିବିର : ଏହା ମାଧ୍ୟମରେ ଗୋଟିଏ ବ୍ୟାଚରେ ୧୦ ଜଣ ଶିକ୍ଷାର୍ଥୀଙ୍କୁ ନେଇ ଦୁଇଥରରେ ୨୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି ପ୍ରଶିକ୍ଷଣ ଶ୍ରୀ ସତ୍ୟସାଇ ହାଉସିଂ ପ୍ରୋଜେକ୍ଟ ଅଧୀନରେ ତିଆରି ହୋଇଥିବା ଗ୍ରମାମାନଙ୍କରେ ଚାଲୁ ରହିବ । ଏହା ସହିତ ବିଶେଷ ଭାବରେ ଜନଯାତିର ଯୁବକମାନଙ୍କୁ ଚୟନ କରିବା ପାଇଁ ଧ୍ୟାନ ଦିଆଯିବ ।
- ୨୦୨୧ ବର୍ଷରେ ପ୍ରଥମେ କୋଭିଡ୍ - ୧୯ କଟକଣା ଯୋଗୁଁ ପ୍ରଶିକ୍ଷଣ ଅବଧି ୨୦୨୦ର ଶେଷ ନ ହୋଇଥିବା କେନ୍ଦ୍ରମାନଙ୍କରେ ପ୍ରଶିକ୍ଷଣର ବାଧାପ୍ରାପ୍ତ ହୋଇଥିଲା । ତେଣୁ ଅବଧି ଶେଷ ନ ହାଇଥିବା କେନ୍ଦ୍ରମାନଙ୍କରେ ପ୍ରଶିକ୍ଷଣର ଆରମ୍ଭ କରି ତାଙ୍କର ପାଠ୍ୟକ୍ରମ ଶେଷ କରାଯିବ ।

*





# ସ୍ୱାସ୍ଥ୍ୟ ସେବା

୧. **ଶ୍ରୀ ସତ୍ୟସାଇ ପୁନର୍ବସତି କାର୍ଯ୍ୟକ୍ରମ** (Sri Sathya Sai Rehabilitation Programme) ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଚିକିତ୍ସାଳୟ ଗୁଡିକ ତାଙ୍କ ନିଃସ୍ୱାର୍ଥପର ପ୍ରେମର ଆରୋଗ୍ୟ ମନ୍ଦିର । ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଜାତୀୟତା ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ବିଶେଷ ଏହି ଚକିତ୍ସାଳୟମାନଙ୍କରେ ନିଶୁଳ୍କ ଭାବେ ଚିକିତ୍ସିତ ହେବାର ସୁଯୋଗ ପ୍ରାପ୍ତ କରୁଛନ୍ତି । ହୃଦ୍‌ରୋଗର କୌଣସି ସ୍ଥାୟୀ ନିଦାନ ନାହିଁ । ଯଦି ସେହି ରେଗୀମାନେ ଅନୁକୂଳ ଜୀବନ ଶୈଳୀ, ଖାଦ୍ୟାଭାଷ, ବ୍ୟାୟାମ ଏବଂ ଚିକିତ୍ସାଳୟଦ୍ୱାର ପ୍ରଦାନ କରାଯାଇଥିବା ଉପଦେଶଗୁଡ଼ିକୁ ପାଳନ ନ କରନ୍ତି ତେବେ ସେମାନଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଚିକିତ୍ସା ସେବା ମୂଲ୍ୟହୀନ ହୋଇଯିବ ।

ଶ୍ରୀ ସତ୍ୟସାଇ ପୁନରବସତି କାର୍ଯ୍ୟକ୍ରମ (S.R.P.) ମାଧ୍ୟମରେ ଏହି ହୃଦ୍‌ରୋଗୀମାନଙ୍କୁ ଶ୍ରୀ ସତ୍ୟସାଇ ସଂଗଠନ ପୋଷ୍ୟ ରୋଗୀ ସେବା ହିସାବରେ ତାଙ୍କ ସହିତ ସମ୍ପର୍କ ରଖାଯାଉଛି । ଏହି କାର୍ଯ୍ୟକ୍ରମ ୨୦୦୯ ମସିହାଠାରୁ ଜିଲ୍ଲାସଭାପତିଙ୍କ ମାଧ୍ୟମରେ ରୋଗୀମାନଙ୍କର ତାଲିକା ପଠାଯାଇ ଜଣେ ଭାଇ ବା ଭଉଣୀଙ୍କ ଦାୟିତ୍ୱରେ ଏହି ରୋଗୀମାନଙ୍କ ସହିତ ସମ୍ପର୍କ ରଖାଯାଉଛି ।

**୨୦୨୧ ସାଇବର୍ଷ ନିମନ୍ତେ କର୍ମ ଯୋଜନା :**

- ୨୦୨୧ ମସିହା ଗୁରୁପୂର୍ଣ୍ଣିମା ମଧ୍ୟରେ ସମସ୍ତ SRP ସ୍ୱେଚ୍ଛାସେବୀମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ତାଲିମ ପ୍ରଦାନ କରାଯିବ ।
- ତାଲିକାରେ ଥିବା (୨୦୦୯ ମସିହାଠାରୁ) ସମସ୍ତ ଭାଲବ୍ ଶକ୍ତି ରୋପଣ ହୋଇଥିବା ରୋଗୀମାନଙ୍କୁ ଚିହ୍ନଟ କରି ପ୍ରତି ମାସରେ ଥରେ ସେମାନଙ୍କୁ ଭେଟିବା ଏବଂ ଭାଲବ୍ ଅସ୍ତ୍ରୋପଚାର ହୋଇଥିବା ରୋଗୀମାନଙ୍କୁ ପ୍ରତି ତିନିମାସରେ ଥରେ ସାକ୍ଷାତ କରିବା ।
- ପ୍ରତ୍ୟେକ ସାଇଜିଲ୍ଲା ଅନ୍ତତଃ ଜଣେ SRP କାର୍ଯ୍ୟକ୍ରମରେ ଭାଗ ନେବାକୁ

ଇଚ୍ଛୁକ ଥିବା ଡାକ୍ତରଙ୍କୁ ଚୟନ କରି ନିମ୍ନରେ ଦିଆଯାଇଥିବା ଫର୍ମାଟ ଅନୁଯାୟୀ ଶିବରାତ୍ରି -୨୦୨୧ ପୂର୍ବରୁ ରାଜ୍ୟକୁ ପଠାଇବେ ।

- SRP ଡାକ୍ତରମାନେ କିପରି ରୋଗୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ସେଥିପାଇଁ ହୃଦ୍‌ରୋଗ ବିଶେଷଜ୍ଞମାନଙ୍କ ଦ୍ୱାରା ସମସ୍ତ SRP ଡାକ୍ତରଙ୍କୁ ନେଇ ଆସନ୍ତା ଗୁରୁପୂର୍ଣ୍ଣିମା -୨୦୨୧ ପୂର୍ବରୁ ଏକ ତାଲିମ ଶିବିର ଅନୁଷ୍ଠିତ କରାଯିବ ।
- ଚଳିତ ବର୍ଷ ଅନ୍ତତଃ ୮ଟି ଜିଲ୍ଲାରେ ଅନ୍ତରଙ୍ଗ ସାଇ କାର୍ଯ୍ୟକ୍ରମ କରାଯିବ (ସ୍ୱାଧିନ ଭାବେ କିମ୍ବା ମିଳିତ ଭାବେ) ।
- ଗଞ୍ଜାମ - ୨ ସାଇ ଜିଲ୍ଲାରେ ଗୋଟିଏ ନୂତନ SRP କ୍ଲିନିକ୍ ସ୍ଥାପନ କରାଯିବ ।
- ଏହି ବର୍ଷ ଇ-ମ୍ୟାଗାଜିନ୍ ପାଇଁ ପ୍ରତ୍ୟେକ ଜିଲ୍ଲା ଅନ୍ତତଃ ଜଣେ ରୋଗୀଙ୍କର ଅନୁଭୂତିକୁ ସଂକଳନ କରିବେ ।
- ଚଳିତ ବର୍ଷ ସମଗ୍ର ରାଜ୍ୟରେ SRP ରୋଗୀମାନଙ୍କର ଘରେ କିମ୍ବା ସେମାନଙ୍କ ଗ୍ରାମରେ ଅନ୍ତତଃ ୧୦ଟି ଆଧ୍ୟାତ୍ମିକ କେନ୍ଦ୍ର ସ୍ଥାପନ କରାଯିବ ( ଯାହାକି ପରେ ଭଜନ ମଣ୍ଡଳୀର ରୂପ ନେଇପାରିବ) ।
- SRP ରୋଗୀମାନଙ୍କର ତଥ୍ୟକୁ ଗଚ୍ଛିତ କରି ରଖିବା ପାଇଁ ଏକ ଅନ୍‌ଲାଇନ୍ ପୋର୍ଟାଲ ତିଆରି କରାଯିବ ।

ଡାକ୍ତରମାନଙ୍କ ବିବରଣୀ :

| କ୍ର. ସଂ | ବୟସ | ଶିକ୍ଷାଗତ ଯୋଗ୍ୟତା | ଅଧୁନା ନିଯୁକ୍ତି ସ୍ଥାନ | ଯୋଗାଯୋଗ ଏବଂ ହ୍ୱାଟସପ୍ ନମ୍ବର | ଇ-ମେଲ୍ | ମନ୍ତବ୍ୟ |
|---|---|---|---|---|---|---|
| | | | | | | |

ରୋଗୀମାନଙ୍କ ବିବରଣୀ :

| କ୍ର.ସଂ | ରୋଗୀଙ୍କର ନାମ | ରୋଗୀଙ୍କ ଆଇ.ଡି ନଂ. | ଅସ୍ତ୍ରୋପଚାର ତାରିଖ | ଅସ୍ତ୍ରୋପଚାର ପ୍ରକାର | ଅଧୁନା ସ୍ଥିତି | ମନ୍ତବ୍ୟ |
|---|---|---|---|---|---|---|
| | | | | | | |





## ଶ୍ରୀ ସତ୍ୟସାଇ ସାମଗ୍ରିକ ସ୍ୱାସ୍ଥ୍ୟ ସେବା (Sri Sathya Sai Holistic Health Care)

- ଜିଲ୍ଲା କିମ୍ବା ସମିତି ସ୍ତରୀୟ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ କେନ୍ଦ୍ରଗୁଡିକୁ କୋଭିଡ୍ -୧୯ର ନିର୍ଦ୍ଦେଶାବଳୀକୁ ନେଇ ଆରମ୍ଭ କରିବା ପାଇଁ ଚେଷ୍ଟା କରିବା । ଏଥିରେ ଏଲୋପାଥି, ହୋମିଓପାଥି ଏବଂ ଆୟୁରବେଦିକ ଔଷଧର ବଣ୍ଟନ ଏବଂ ରୋଗୀର ଅନ୍ୟାନ୍ୟ ସମସ୍ୟାକୁ ନେଇ ଏହି କେନ୍ଦ୍ରମାନଙ୍କରେ ସାପ୍ତାହିକ କିମ୍ବା ଦୈନିକ କାର୍ଯ୍ୟକ୍ରମ ଚଲାଇ ରଖିବା ।
- ୨୦୨୧ରେ କୋଭିଡ୍ - ୧୯ର ପ୍ରଭାବକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ କାର୍ଯ୍ୟକ୍ରମକୁ ସାମୟିକ ଭାବରେ କରାଯାଇ ପାରିବ ।

### ବିଦ୍ୟାଳୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

- ରାଜ୍ୟରେ ୨୦୨୧ର ଏହି କୋଭିଡ୍‌ର ମାହାମାରିରେ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଲମାନଙ୍କ ମଧ୍ୟରୁ ରାଜ୍ୟରେ ୧୦ଟି ଶ୍ରୀ ସତ୍ୟସାଇ ସ୍କୁଲ କିମ୍ବା ବିଦ୍ୟା ଜ୍ୟୋତି ସ୍କୁଲରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ ।

### ରକ୍ତଦାନ

- ଅମୃତ ବିନ୍ଦୁ (ମାର୍ଚ୍ଚରୁ ଜୁନ)
- ପ୍ରେମ ସଞ୍ଜୀବନୀ (ବର୍ଷର ଅନ୍ୟ ସମୟରେ କରାଯାଉଥିବା ରକ୍ତଦାନ ଶିବିର) ଉପରୋକ୍ତ ଦୁଇ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ସ୍ତରରେ ତିନୋଟି ଶିବିର ଅନୁଷ୍ଠିତ କରିବେ ।
- ଅତ୍ୟାବଶ୍ୟକ ରକ୍ତ ସଂଗ୍ରହ ପାଇଁ ଜିଲ୍ଲା ସ୍ତରରେ ଏକ ସ୍ୱେଚ୍ଛାକୃତ ୫୦ ଜଣ ରକ୍ତଦାତାମାନଙ୍କର ପଞ୍ଜିକା ତିଆରି କରି ଆରାଧନା ମହୋତ୍ସବ ସୁଦ୍ଧା ରାଜ୍ୟର ଦାୟିତ୍ୱରେ ଥିବା ଭାଇଙ୍କ ପାଖକୁ ପଠାଇବେ ।
- ଜିଲ୍ଲାର ଯୁବସଂଯୋଜକ / In-charge ଏହି ରକ୍ତଦାତାଙ୍କର ଡାଟା ପ୍ରସ୍ତୁତ କରି ସଂଗଠନର ପୋର୍ଟାଲରେ ସ୍ଥାନୀତ କରିବେ ।
- ଆଗାମୀ ଗୁରୁପୂର୍ଣ୍ଣିମା ପୂର୍ବରୁ ଜିଲ୍ଲା ଦାୟିତ୍ୱରେ ଥିବା ଭାଇମାନଙ୍କୁ ନେଇ ଏବଂ ବିଭିନ୍ନ ରକ୍ତ ଭଣ୍ଡାରରେ ଥିବା ଡାକ୍ତର ଓ ସହାୟକଙ୍କୁ ନେଇ ରାଜ୍ୟ ସ୍ତରରେ ଏକ ଓରିଏଣ୍ଟେସନ ଶିବିର ଅନୁଷ୍ଠିତ କରାଯିବ ।

- ଆଗାମୀ ଅବତାର ଦିବସ (ଅକ୍ଟୋବର ୨୦) ତାରିଖରେ ଏହାର ପୂର୍ଣ୍ଣ ଉପଯୋଗର ପୋର୍ଟାଲ ଭଗବାନଙ୍କ ପାଦପଦ୍ମରେ ସମର୍ପିତ କରାଯିବ ।

## ସର୍ବେସନ୍ତୁ ନିରାମୟା

୧. ଏହି କାର୍ଯ୍ୟକ୍ରମକୁ ସମିତିମାନଙ୍କ ଦ୍ୱାରା ଚୟନ କରାଯାଇଥିବା SSSVIP, SSSHP, VIDYA JYOTI SCHOOL VILLAGE ମଧ୍ୟରୁ ୧୦ଟି ଗ୍ରାମରେ ୨୦୨୧ ମସିହା ପାଇଁ କରାଯିବ ।

## ଟେଲିମେଡିସିନ୍ ସେଣ୍ଟର ସାଇଜନନୀ, ଭୁବନେଶ୍ୱର

୧. କୋଭିଡ୍ - ୧୯ ପାଇଁ ବନ୍ଦଥିବା ଟେଲିମେଡିସିନ୍ କେନ୍ଦ୍ର ଆସନ୍ତା ମାର୍ଚ୍ଚ ୧୨ ତାରିଖ, ୨୦୨୧ ଶିବରାତ୍ରିର ପରଦିନ ଖୋଲିବା ପାଇଁ ସ୍ଥିରିକୃତ ହୋଇଛି । କୋଭିଡ୍ - ୧୯କୁ ଆଖିରେ ରଖି ନିମ୍ନଲିଖିତ ନିୟମାବଳୀ ସ୍ଥିର କରାଯାଇଛି ।

- ପୂର୍ବପରି ବୁଧବାର ପ୍ରଶାନ୍ତିରେ ଚିକିତ୍ସିତ ହୋଇଥିବା ହୃଦ୍‌ରୋଗୀ, ଶୁକ୍ରବାର ବାଙ୍ଗାଲୋର ଚିକିତ୍ସିତ ହୋଇଥିବା ହୃଦ୍‌ରୋଗୀ ଏବଂ ଶନିବାର ନ୍ୟୁର ରୋଗୀମାନଙ୍କର ସାକ୍ଷାତକାର କରାଯିବ ।
- ଏହି ଦିନମାନଙ୍କରେ ପୂର୍ବରୁ ପଞ୍ଜିକୃତ କରିଥିବା ରୋଗୀମାନେ ହିଁ କେବଳ ଆସି ପାରିବେ । ରୋଗୀମାନେ କୋଭିଡ୍ - ୧୯ର ନିୟମ ନିଶ୍ଚୟ ପାଳନ କରିବେ । ଜ୍ୱର ଥିବା ରୋଗୀଙ୍କୁ ପ୍ରବେଶର ଅନୁମତି ମିଳିବ ନାହିଁ ।
- ରୋଗୀମାନେ ପଞ୍ଜିକରଣ ପାଇଁ ଏକଦିନ ପୂର୍ବରୁ ଟେଲି **ଫୋନ ନଂ. ୮୮୯୫୨୬୮୦୯୦** ରେ ଯୋଗାଯାଗ କରିବେ । ପଞ୍ଜିକରଣ ନିଶ୍ଚିତ ହେଲେ ହିଁ ଆସିବେ ।
- ରକ୍ତ ପରୀକ୍ଷା ଥିବା ରୋଗୀମାନେ ସକାଳ ୯ଟା ପୂର୍ବରୁ ନିଶ୍ଚୟ ପହଞ୍ଚିବେ ।
- ରୋଗୀମାନଙ୍କ ପାଇଁ କେନ୍ଦ୍ର ପରିସରରେ ରହିବା ବ୍ୟବସ୍ଥାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ।
- ରୋଗୀମାନଙ୍କ ସାଙ୍ଗରେ ଜଣେ ସାହାଯ୍ୟକାରୀକୁ ପ୍ରବେଶର ଅନୁମତି ମିଳିବ ।

ଜିଲ୍ଲାସଭାପତି, ସମିତି ଆବାହକ ଏବଂ ଏସ୍.ଆର.ପି. କାର୍ଯ୍ୟକର୍ତ୍ତାମାନେ ଉପରୋକ୍ତ ନିୟମାବଳୀକୁ ରୋଗୀମାନଙ୍କ ପାଖରେ ମାର୍ଚ୍ଚ ୧୨ ତାରିଖ ପୂର୍ବରୁ ନିଶ୍ଚୟ ପହଞ୍ଚାଇବେ ।





# ସ୍ୱଚ୍ଛତାରୁ ଦୈବତ୍ୱ, ବୃକ୍ଷରୋପଣ (ସାଇ ସବୁଜିମା)

- କୋଭିଡ୍ -୧୯ର ପ୍ରଭାବରେ ପ୍ରତ୍ୟେକ ପରିବାର ଏବଂ ନିଜ ପରିବେଶରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ପାଇଁ ଚେଷ୍ଟା କରିବା । ଯଥା - ମାକ୍ସ ପରିଧାନ, ହସ୍ତ ପ୍ରକ୍ଷାଳନ ଓ ଦୂରତ୍ୱ ପ୍ରଭୃତିକୁ ସଦାସର୍ବଦା ପାଳନ କରିବା । ତତ୍‌ସହିତ ବାହାରର ପରିମଳକୁ ଯଥାସମ୍ଭବ ପରିଷ୍କାର ରଖିବା ।
- ଆଗାମୀ ଅକ୍ଟୋବର ମାସ ୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତ୍ୱରୁ ଦୈବତ୍ୱ କାର୍ଯ୍ୟକ୍ରମର ଖସଡା ସମସ୍ତ ସମିତି ପ୍ରସ୍ତୁତ କରିବେ । ଏଥିରେ ସମିତିର ସମସ୍ତ ସଭ୍ୟ-ସଭ୍ୟା, ବାଳବିକାଶର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳିତ କରାଯିବ ।
- ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ୨୦୨୧ ମସିହାରୁ ଆରମ୍ଭ ହେଉଥିବା ଗ୍ରାମସେବା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।
- ପ୍ରତ୍ୟେକ ବର୍ଷ ଭଳି ସମିତି ସ୍ତରରେ ଏକ ନିର୍ଦ୍ଦିଷ୍ଟ ମାସ ମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଆସୁଛି ଏବଂ ଏହାର ପରିପୋଷଣର ଦାୟିତ୍ୱ ମଧ୍ୟ ସଂଗଠନର ସେବାଦଳ ଭାଇମାନଙ୍କ ଦ୍ୱାରା କରାଯାଉଅଛି ।
- ୨୦୨୧ ମସିହାରେ ପ୍ରତ୍ୟେକ ପରିବାରରେ ତୁଳସୀ ଗଛ ସହିତ ନିଜର ବାଡିରେ ନିମ୍ବ ଏବଂ ସଜନା ବୃକ୍ଷକୁ ରୋପଣ କରାଯିବ । କୋଭିଡ୍ ନିୟମର କୋହଳ ହେବା ପରେ ସମିତି ନିକଟସ୍ଥ ମନ୍ଦିର ପ୍ରାଙ୍ଗଣ, ସ୍କୁଲ ପ୍ରାଙ୍ଗଣ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନମାନଙ୍କରେ ବିଭିନ୍ନ ବୃକ୍ଷ ଲଗାଯାଇ ପାରିବ ।
- ପରିବେଶର ସୁରକ୍ଷା ନିର୍ଭର କରୁଥିବା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲାମାନେ ସେମାନଙ୍କର ସମିତି ମାଧ୍ୟମରେ ଅନ୍ତତଃପକ୍ଷେ ୫୦୦ ବୃକ୍ଷରୋପଣ କରିବା ପାଇଁ ଉତ୍ସାହିତ କରିବା ଦରକାର । ଏହି ବୃକ୍ଷଗୁଡିକ ମଧ୍ୟରେ ଔଷଧୀୟ ବୃକ୍ଷକୁ ରୋପଣ କରିବା ପାଇଁ ଗୁରୁତ୍ୱ ଦେବା ଦରକାର ।
- ଏହାର ସମୁଦାୟ ବୃକ୍ଷ ରୋପଣ ସଂଖ୍ୟା ଏବଂ ବିବରଣୀ ଆସନ୍ତା ଅକ୍ଟୋବର ମାସ ଶେଷରେ ପୋର୍ଟାଲ ମାଧ୍ୟମରେ ଜିଲ୍ଲା ସଭାପତି ଜଣାଇବେ ।

## ଶ୍ରୀ ସତ୍ୟସାଇ ଗୃହ ନିର୍ମାଣ ପ୍ରକଳ୍ପ ଗ୍ରାମ ପାଇଁ କାର୍ଯ୍ୟ ଯୋଜନା

- ଏହି ପ୍ରକଳ୍ପରେ ୬ଟି ଜିଲ୍ଲାର ୨୪ଟି ଗ୍ରାମ ଅନ୍ତର୍ଭୁକ୍ତ ।
- ଓଡ଼ିଶାବାସୀଙ୍କୁ ସ୍ୱାମୀ ଏହା ପ୍ରସାଦ ସ୍ୱରୂପ ଭେଟି ଦେଇଥିଲେ-ତେଣୁ ଏହା ଆମ ପାଇଁ ଗୋଟିଏ ଗୋଟିଏ ତୀର୍ଥ କ୍ଷେତ୍ର ।
- ଆମର ଲକ୍ଷ୍ୟ ଏସବୁ ଗ୍ରାମକୁ ପର୍ଯ୍ୟାୟ କ୍ରମେ ଗୋଟିଏ ଭଜନ ସେଣ୍ଟର, ଭଜନ ମଣ୍ଡଳୀ ଏବଂ ସମିତିରେ ପରିଣତ କରିବା ।

ଏହି ସବୁ ଗ୍ରାମରେ ୨୦୨୧ ମସିହା ପାଇଁ କୋଭିଡ୍ - ୧୯ର ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମଗୁଡିକୁ ନିକଟସ୍ଥ ସମିତିର ସହାୟତାରେ ସ୍ଥିରିକୃତ କରାଯିବ । ଏହି ଗ୍ରାମର ଦାୟିତ୍ୱରେ ଥିବା ସେବାଦଳ ଭାଇଙ୍କର ପରାମର୍ଶରେ ଚାଲିଆସୁଥିବା କାର୍ଯ୍ୟକ୍ରମଗୁଡିକୁ ପୁନଃ ଆରମ୍ଭ କରିବା ।

ଏହି ଗ୍ରାମଗୁଡିକରେ କାର୍ଯ୍ୟକ୍ରମ ୩ଟି ବିଭାଗର ସହାୟତାରେ ତ୍ୱରାନ୍ୱିତ କରିବା ଦାୟିତ୍ୱ ସେହି ଜିଲ୍ଲାର ସଭାପତିଙ୍କ ଉପରେ ନ୍ୟସ୍ତ ରହିଛି । ଯେହେତୁ ଏହା ଭଗବାନଙ୍କର ଏକ ପ୍ରିୟ ଯୋଜନା ଭିତରେ ଅନ୍ତର୍ଭୁକ୍ତ ଏହାର ଗୁରୁତ୍ୱକୁ ଆଖି ଆଗରେ ରଖି ୨୦୨୫ ମସିହାରେ ପୂର୍ଣ୍ଣମାତ୍ରାରେ ଏହି ଗ୍ରାମଗୁଡିକ ସଂଗଠନର ଅଗ୍ରଣୀ ସମିତି ରୂପେ ପରିଗଣିତ ହେବ ।

## ସାଇ କରୁଣା ପ୍ରକଳ୍ପ (Holistic Animal Care Project)

ସଂଗଠନ ତରଫରୁ ୨୦୨୦ ବର୍ଷଠାରୁ ପ୍ରାଣୀ ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଭାବରେ ନିଆଯାଇଛି । ଗତ ତା ୨୮.୧୨.୨୦୧୯ରିଖ ଦିନ ପାରାଦୀପ ଠାରେ ହୋଇଥିବା ୪୪ତମ ରାଜ୍ୟ ସମ୍ମିଳନୀରେ ଏହାର ନାମ **ସାଇ କରୁଣା** ରଖାଯାଇଛି । ଏହି ପ୍ରକଳ୍ପ ଅଧିନରେ ନିମ୍ନଲିଖିତ କାର୍ଯ୍ୟସବୁ କରାଯିବ ।

(A) **ଜୀବେଦୟା / ଜୀବ ମଙ୍ଗଳ କାର୍ଯ୍ୟକ୍ରମ** (Animal Welfare Activities)

ଏହି କାର୍ଯ୍ୟ ସବୁ ବ୍ୟକ୍ତିଗତ କିମ୍ବା ସମୂହ ସ୍ତରରେ (ଭଜନ ମଣ୍ଡଳୀ ବା ସେବା ସମିତି ଜରିଆରେ) ନିଜ ଅଞ୍ଚଳରେ ବର୍ଷର ସବୁ ସମୟରେ କରାଯାଇପାରିବ ।

୧. **ପରିତ୍ୟକ୍ତ ଏବଂ ରାସ୍ତା କଡ଼ରେ ବୁଲୁଥିବା ପ୍ରାଣୀମାନଙ୍କର ସେବା ଯତ୍ନ** (Care of stray and abandoned animals)

- ନିଜର ବ୍ୟକ୍ତିଗତ ବାସସ୍ଥାନ ନିକଟରେ ବୁଲା ପଶୁପକ୍ଷୀମାନଙ୍କୁ ଖାଦ୍ୟ ଓ ଜଳ ଯୋଗାଇବା ।





- ପକ୍ଷୀମାନଙ୍କ ପାଇଁ ଘରର ଛାତ ଉପରେ କିମ୍ବା ଘର ଅଗଣାରେ ଖାଦ୍ୟ ଓ ଜଳ ରଖିବା ।
- ଅସୁସ୍ଥ ଥିବା ବୁଲା ପ୍ରାଣୀମାନଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସକ ବା ପ୍ରାଣୀଧନ ନିରୀକ୍ଷକଙ୍କ ସହାୟତାରେ ଚିକିତ୍ସା କରାଇବା । ଏଥିପାଇଁ ମଧ୍ୟ ସାଇ କରୁଣା Tele Helpline (Toll free No. 080-47191177) ନମ୍ବରକୁ ଫୋନ କରି ସକାଳ ୯ ଘଣ୍ଟା ଠାରୁ ରାତ୍ରି ୯ ଘଣ୍ଟା ମଧ୍ୟରେ ପରାମର୍ଶ ନେଇ ପାରିବେ ।
- ଗୋରୁମାନଙ୍କୁ ବାହାରକୁ ନ ଛାଡିବା ପାଇଁ ସେମାନଙ୍କର ମାଲିକମାନଙ୍କୁ ପ୍ରବର୍ତ୍ତାଇବା ବା ସଚେତନ କରାଇବା । ଏହା ଦ୍ୱାରା ଉଭୟ ପ୍ରାଣୀ ଓ ମନୁଷ୍ୟମାନଙ୍କର ଦୁର୍ଘଟଣା ରୋକାଯାଇ ପାରିବ ଏବଂ ପ୍ରଦୂଷଣ ନିୟନ୍ତ୍ରଣ କରାଯାଇପାରିବ ।
- ବୁଲା ପ୍ରାଣୀମାନଙ୍କର ଟୀକାକରଣ ଓ ବନ୍ଧ୍ୟାକରଣ କରାଇବା । ଏହା ସ୍ଥାନୀୟ ପ୍ରାଣୀ ଚିକିତ୍ସା ବିଭାଗ ଏବଂ ମୁନିସିପାଲିଟି / ବିଜ୍ଞାପିତ ଅଞ୍ଚଳ ପରିଷଦ / ଗ୍ରାମପଞ୍ଚାୟତ ସହାୟତାରେ କରାଯାଇପାରିବ । ଏହାଦ୍ୱାରା ବୁଲା ପ୍ରାଣୀମାନଙ୍କର ସଂଖ୍ୟା ହ୍ରାସ କରାଯାଇପାରିବ ।

୨. ରାସ୍ତା କଡରେ ପଶୁପକ୍ଷୀମାନଙ୍କର (ଛେଳି, ମେଣ୍ଢା ଓ କୁକୁଡା ଇତ୍ୟାଦି) ହତ୍ୟା ବନ୍ଦ ପାଇଁ ସଚେତନ କରାଇବା । ଏହିସବୁ ପଶୁପକ୍ଷୀ ହତ୍ୟା କେବଳ ଏଥିପାଇଁ ଉଦ୍ଦିଷ୍ଟ କଂସେଇଖାନାରେ କରାଯିବା ଉଚିତ । ଏଥିପାଇଁ ସହରାଞ୍ଚଳରେ ମୁନିସିପାଲିଟି / ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ଗ୍ରାମାଞ୍ଚଳରେ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷଙ୍କର ସହାୟତା ନିଆଯାଇପାରିବ ।

୩. ଦେବଦେବୀଙ୍କ ପୀଠରେ ପଶୁପକ୍ଷୀମାନଙ୍କର ବଳି ବନ୍ଦ ପାଇଁ ସଚେତନ କରାଇବା ।

୪. ପଶୁପକ୍ଷୀମାନଙ୍କୁ ନେଇ ବିପଦଜନକ ଓ ଯନ୍ତ୍ରଣା ଦାୟକ କ୍ରୀଡା (ଗଞ୍ଜା ଲଢେଇ ଇତ୍ୟାଦି) ବନ୍ଦ କରିବା ପାଇଁ ସଚେତନ କରାଇବା ।

୫. ବାହାଘର, ବ୍ରତଘର ଇତ୍ୟାଦି ଉତ୍ସବମାନଙ୍କରେ ହେଉଥିବା ଭୋଜିରେ ନିରାମିଷ ଖାଦ୍ୟ ପରିବେଷଣ କରିବା ଏବଂ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବା / ସଚେତନ କରାଇବା । ଏହା ଦ୍ୱାରା ଜୀବ ହତ୍ୟାର ସଂଖ୍ୟା କମ୍ କରାଯାଇପାରିବ ।

୬. ବାଳବିକାଶ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ **(କ) ଜୀବେଦୟା / ଜୀବମଙ୍ଗଳ ଓ (ଖ) ନିରାମିଷ ଆହାରର ଉପକାରିତା**

ବିଷୟରେ ବିଭିନ୍ନ ପ୍ରତିଯୋଗିତା (ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ଇତ୍ୟାଦି) କରାଇବା ।

୭. **(କ)** ଜୀବେଦୟା / ଜୀବମଙ୍ଗଳ ଓ **(ଖ)** ନିରାମିଷ ଆହାରର ଉପକାରିତା ବିଷୟରେ ପାଠଚକ୍ର କରିବା ।

୮. **(କ)** ଜୀବେଦୟା / ଜୀବମଙ୍ଗଳ ଓ **(ଖ)** ନିରାମିଷ ଆହାରର ଉପକାରିତା ବିଷୟରେ ସଚେତନତା ସଭା କରିବା ।

୯. ସରକାରୀ ଯୋଜନା ସହାୟତାରେ ଗ୍ରାମମାନଙ୍କରେ ଥିବା ଗୋଚର ଜମିରେ ସବୁଜ ଘାସ ଚାଷ କରାଇବା । (Reference - Govt. of Odisha Panchayati Raj & D.W. Department Guideline order No. 20807 Date- 29.12.2020. Subject - Comprehenshive guidelines for Development of *Gochar land* under MGNREGS. Project implementing officer - B.D.O. of concerned Block)

୧୦. **ଜୀବ ମଙ୍ଗଳ ସହିତ ସଂପର୍କିତ ବିଭିନ୍ନ ଦିବସ ପାଳନ କରିବା**

- ଜୀବ ମଙ୍ଗଳ ପକ୍ଷ (ଜାନୁୟାରୀ ମାସ ୧୪ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ)
- ବିଶ୍ୱ ଦୁଗ୍ଧ ଦିବସ (ଜୁନ୍ ମାସ ୧ ତାରିଖ)
- ଗହ୍ମା ପୂର୍ଣ୍ଣିମା (ଶ୍ରାବଣ ମାସ ପୂର୍ଣ୍ଣିମା)
- ବିଶ୍ୱ ଶାକାହାରୀ ଦିବସ (ଅକ୍ଟୋବର ମାସ ୧ ତାରିଖ)
- ବିଶ୍ୱ ପ୍ରାଣୀ ଦିବସ (ଅକ୍ଟୋବର ମାସ ୪ ତାରିଖ)
- ଗୋ ସମ୍ବର୍ଦ୍ଧନା ସପ୍ତାହ [ଗିରୀ ଗୋବର୍ଦ୍ଧନ ପୂଜା (କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା) ଠାରୁ ଗୋଷ୍ଠାଷ୍ଟମୀ (କାର୍ତ୍ତିକ ଶୁକ୍ଳ ଅଷ୍ଟମୀ) ପର୍ଯ୍ୟନ୍ତ]
- ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ରଚିତ ଗୋ ମାହାତ୍ମ୍ୟ ପୁସ୍ତକ ସ୍ୱାଧ୍ୟାୟ କରିବା ।

(B) **ନିରାମୟ ପ୍ରାଣୀ ସ୍ୱାସ୍ଥ୍ୟ ସେବା**(Holistic Animal Health Care)

ଏହି କାର୍ଯ୍ୟଟି ସମସ୍ତ ପୋଷ୍ୟଗ୍ରାମ, SSVIP ଗ୍ରାମ, ଆଦର୍ଶ ଗ୍ରାମ, ସତ୍ୟସାଇ ଗୃହ ନିର୍ମାଣ ପ୍ରକଳ୍ପ ଓ ଜଳସେବା ପ୍ରକଳ୍ପ ଗ୍ରାମମାନଙ୍କରେ କରାଯିବ ଏବଂ ଏହା ନିମ୍ନ ତିନି ପ୍ରକାରରେ କରାଯିବ ।

- ଟିକାକରଣ ଶିବିର (Vaccination Camp)





ଏହି ଶିବିରରେ ଗୃହପାଳିତ ଗୋମହିଷାଦିମାନଙ୍କର ଫାଟୁଆ, ସାହାଣା ଓ ବଜବଜିଆ ରୋଗର ଟିକାକରଣ କରାଯିବ ।

- ପ୍ରାଣୀ ଚିକିତ୍ସା ଶିବିର (Animal Health Camp)

ଏହି ଶିବିରରେ କୃମିନାଶନ, ଗୋବନ୍ଧ୍ୟା ଚିକିତ୍ସା ଓ ଅନ୍ୟାନ୍ୟ ରୋଗର ଚିକିତ୍ସା କରାଯିବ ।

- ସଚେତନତା ଶିବିର (Awareness Camp)

ଏହି ଶିବିରରେ ଉନ୍ନତ ପ୍ରାଣୀପାଳନ, ସରକାରଙ୍କର ବିଭିନ୍ନ ପ୍ରୋତ୍ସାହନ ମୂଳକ ଯୋଜନା ଓ ଜୀବେଦୟା ବିଷୟରେ ସଚେତନତା ସଭା କରାଯିବ ।

ଉପରୋକ୍ତ କାର୍ଯ୍ୟଗୁଡିକ ସରକାରଙ୍କର ପ୍ରାଣୀଚିକିତ୍ସା ବିଭାଗ ସହଯୋଗରେ କିମ୍ୱା ସ୍ୱତନ୍ତ୍ର ଭାବେ ଆମ ସଂଗଠନ ଦ୍ୱାରା କରାଯାଇପାରିବ । ସରକାରଙ୍କର ପ୍ରତି ବ୍ଲକ ପ୍ରାଣୀ ଚିକିତ୍ସାଳୟରେ **ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା** (Mobile Veterinary Unit) ଉପଲବ୍ଧ । ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରି ଉପରୋକ୍ତ କାର୍ଯ୍ୟଗୁଡିକ କରାଯାଇପାରିବ ।

## ପ୍ରସ୍ତାବିତ ବାର୍ଷିକ କାର୍ଯ୍ୟ ଯୋଜନା - ସାଇକରୁଣା ୨୦୨୧

## (Proposed Annual Action Plan)

| କ୍ର. | ବିଷୟ | ପରିମାଣ |
|---|---|---|
| | **ଜୀବ ମଙ୍ଗଳ ସମ୍ବନ୍ଧୀୟ କାର୍ଯ୍ୟକ୍ରମ** | |
| ୧ | ବାଳବିକାଶ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ (କ) ଜୀବେଦୟା / ଜୀବମଙ୍ଗଳ ଓ (ଖ) ନିରାମିଷ ଆହାରର ଉପକାରିତା ବିଷୟରେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ଇତ୍ୟାଦିର ପ୍ରତିଯୋଗିତା । | ଜିଲ୍ଲା ସ୍ତରରେ ଏକଥର |
| ୨ | (କ) ଜୀବେଦୟା / ଜୀବମଙ୍ଗଳ ଓ (ଖ) ନିରାମିଷ ଆହାରର ଉପକାରିତା ବିଷୟରେ ପାଠଚକ୍ର । | ସମିତି ସ୍ତରରେ ଏକଥର |
| ୩ | ଜୀବମଙ୍ଗଳ ସହିତ ସମ୍ପର୍କୀତ ବିଭିନ୍ନ ଦିବସ ପାଳନ(ବିଶ୍ୱ ପ୍ରାଣୀ ଦିବସ ଅକ୍ଟୋବର ମାସ ୪ ତାରିଖ) | ବାଳବିକା ପିଲାଙ୍କୁ ଦିନର ଗୁରୁତ୍ୱ ଜଣାଇବା |
| ୪ | ଗ୍ରାମମାନଙ୍କରେ ଗୋଚର ଜମିରେ ସବୁଜ ଘାସଚାଷ କରାଇବା | ଗ୍ରାମ ସେବାରେ ନିଆଯାଇଥିବା ଗ୍ରାମଗୁଡିକରେ ଆବଶ୍ୟକ ଅନୁଯାୟୀ କରାଯିବ |
| | **ନିରାମୟ ପ୍ରାଣୀ ସ୍ୱାସ୍ଥ୍ୟ ସେବା** | |
| ୫ | ପ୍ରାଣୀ ଚିକିତ୍ସା ଶିବିର | ଗ୍ରାମ ସେବାରେ ନିଆଯାଇଥିବା ଗ୍ରାମଗୁଡିକରେ ଆବଶ୍ୟକ ଅନୁଯାୟୀ କରାଯିବ |
| | ଟୀକା କରଣ ଶିବିର | |

## କୃଷି ସମ୍ବନ୍ଧୀୟ ସେବା (Agri - Care)

ଏହି ସେବା ମାଧ୍ୟମରେ SSSVIP ଗ୍ରାମ, ପୋଷ୍ୟ ଗ୍ରାମ, ଆଦର୍ଶ ଗ୍ରମା କିମ୍ବା Housing Project ଗ୍ରାମ ଇତ୍ୟାଦିରେ ଥିବା ଚାଷି ଭାଇ ଓ ଭଉଣୀମାନଙ୍କର ଚାଷର ଉନ୍ନତି ଏବଂ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ କୃଷି ଭିତିକ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଚାଷି ଭାଇ ଭଉଣୀମାନେ କିପରି ନୂତନ ବୈଷୟିକ ଜ୍ଞାନ କୌଶଳ ପାଇ ପାରିବେ ଏବଂ ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ କ୍ଷମ ହୋଇ ପାରିବ ସେଥିପାଇଁ ବିଭିନ୍ନ ପ୍ରଶିକ୍ଷଣ ଶିବିର, କୃଷି ସଚେତନତା ଶିବିର ଚାଷି ଓ ବୈଜ୍ଞାନିକ ସମ୍ମିଳନୀ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ।

- କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୧ ମସିହାରେ ପ୍ରତି ଜିଲ୍ଲା ସ୍ତରରେ ଥରେ ଖରିପ ଋତୁ ପାଇଁ ଗୋଟିଏ ସଚେତନତା ଶିବିର ସମିତି / ଜିଲ୍ଲା ସ୍ତରରେ କରାଯିବ । ଏହି ସଚେତନତା ଶିବିରରେ କୃଷି ବୈଜ୍ଞାନିକ କିମ୍ବା ବିଭାଗୀୟ କର୍ମଚାରୀମାନଙ୍କୁ ନେଇ ଆସନ୍ତା ଗୁରୁପୂର୍ଣ୍ଣିମା ପୂର୍ବରୁ କରାଯିବ ।
- ଚାଷି ବୈଜ୍ଞାନିକ ସମ୍ମିଳନୀ ପ୍ରତି ଜିଲ୍ଲା ଅନ୍ତତଃପକ୍ଷେ ଗୋଟିଏ ଲେଖା ଶିବିର ପରିଚାଳନା କରିବେ । ଏହାଦ୍ୱାରା ଚାଷିମାନଙ୍କର ସମସ୍ୟା ସଙ୍ଗେ ସଙ୍ଗେ ସମାଧାନ ହୋଇପାରିବ । ସେଥିଲାଗି ପ୍ରତି ଜିଲ୍ଲା, ସମିତିର ଆବାହାକଙ୍କ ସହାୟତାରେ କୃଷକମାନଙ୍କର ସମସ୍ତ ବିବରଣୀ ଆସନ୍ତା ଆରଧନା ମହୋତ୍ସବ ପୂର୍ବରୁ ପ୍ରସ୍ତୁତ କରିବେ । ଏହି ବିବରଣୀକୁ ରାଜ୍ୟର କୃଷି ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଖକୁ ପଠାଇବେ ଓ ତାଙ୍କ ସହିତ ପରାମର୍ଶ କରି ଶିବିର ପରିଚାଳନା କରିବେ ।
- ନୂତନ କୃଷି ଜ୍ଞାନ କୌଶଳ ପାଇଁ କୃଷି ବୈଜ୍ଞାନିକମାନଙ୍କ ସହାୟତାରେ ଏକ କର୍ମଶାଳା ଜିଲ୍ଲା ସମୂହ WEBNAIRE ମାଧ୍ୟମରେ ପରିଚାଳନା ଆସନ୍ତା ଗୁରୁପୂର୍ଣ୍ଣିମା ପୂର୍ବରୁ ସାରିବା ।

## ଧ୍ୟାନବୃକ୍ଷ

ଏହି ଧ୍ୟାନ ବୃକ୍ଷ ବା କଳ୍ପବୃକ୍ଷ ଏକ ନୂତନ ଯୁଗକୁ ଆହ୍ୱାନ କରୁଛି, ଯେଉଁ ଯୁଗରେ ଆଧ୍ୟାତ୍ମିକ ଅନୁସନ୍ଧିତ୍ସୁ ବ୍ୟକ୍ତିମାନେ ଏହି ବୃକ୍ଷ ମୂଳରେ ଧ୍ୟାନରତ ରହି ନିଜର ସାଧନାର ସ୍ତରକୁ ଉର୍ଦ୍ଧ୍ୱଗାମୀ କରାଇବାରେ ସହାୟକ ହେବେ ।





ଭଗବାନଙ୍କ ଅପାର କରୁଣାରୁ ତପୋବନରେ ବର୍ଣ୍ଣନା କରାଯାଇଥିବା ପ୍ରଶାନ୍ତି ନିଲୟମଠାରେ ଥିବା ଧ୍ୟାନ ବୃକ୍ଷରୁ ୫୦୦୦ ଚାର ଉତ୍ପାଦନ କରାଯାଇ ସମଗ୍ର ବିଶ୍ୱରେ ଏହାକୁ ବଣ୍ଟା ଯାଇଛି । ସେଥିମଧ୍ୟରୁ ଆମ ରାଜ୍ୟକୁ ସର୍ବମୋଟ ୩୫୩ଟି ଆସିଛି ଏହି ୩୫୩ଟି ଧ୍ୟାନ ବୃକ୍ଷ ବା ବଟ ବୃକ୍ଷ ବିଭିନ୍ନ ଜିଲ୍ଲା ନିଜର ଆବଶ୍ୟକତା ଅନୁଜାୟୀ ନେଇ ତାର ରୋପଣ କରିସାରିଛନ୍ତି ଏବଂ ଆଉ କେତେକ ମଧ୍ୟ ରୋପଣ କରୁଛନ୍ତି ।

- ଏହି ଧ୍ୟାନ ବୃକ୍ଷ ଦାୟିତ୍ୱରେ ଜିଲ୍ଲା ସ୍ତରରୁ ଜଣେ ଏବଂ ପ୍ରତି ବୃକ୍ଷ ପାଇଁ ଜଣେ ଲେଖାଏ ଦାୟିତ୍ୱରେ ରହିବେ । ସେମାନଙ୍କ ଦାୟିତ୍ୱ ହେଉଛି : ପ୍ରତି ୧୫ ଦିନରେ ଥରେ ସେମାନେ ସେହି ବୃକ୍ଷର ବୃଦ୍ଧି ଏବଂ ତା ସମ୍ବନ୍ଧରେ ତଥ୍ୟ ନିର୍ଦ୍ଧାରିତ (Portal)ରେ ଉପସ୍ଥାପନା କରିବେ ।
- ଯଦି କୌଣସି ଯତ୍ନରେ ଅସୁବିଧା ଥାଏ ଓ ରୁଗ୍‌ଣ ଦେଖାଯାଏ, ନିକଟରେ ଥିବା କୃଷି ବୈଜ୍ଞାନିକ କିମ୍ବା କର୍ମଚାରିଙ୍କ ପରାମର୍ଶ ନେବେ ।
- ୨୦୨୧ ମସିହାରେ ଜିଲ୍ଲାର ଆବଶ୍ୟକତା ଅନୁଯାୟୀ ଆଉ କେତୋଟି ବୃକ୍ଷ ମଧ୍ୟ ରୋପଣ କରାଯିବାର ସ୍ଥିର କରାଯାଇଛି ।

## ଶ୍ରୀ ସତ୍ୟସାଇ ଜନଜାତି ଉନ୍ନୟନ କାର୍ଯ୍ୟକର୍ମ

୨୦୨୦ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମକୁ କୋଭିଡ୍ ମହାମାରୀର ପ୍ରଭାବ ଦ୍ୱାରା କୌଣସି ବିଶେଷ କାର୍ଯ୍ୟ ହାତକୁ ନିଆଯାଇ ପାରିନାହିଁ । କିନ୍ତୁ ଆଗାମୀ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଭଗବାନଙ୍କର ପାଦପଦ୍ମରେ କାର୍ଯ୍ୟକ୍ରମଗୁଡ଼ିକୁ ସମର୍ପଣ କରି ୨୦୨୧ ମସିହା ପାଇଁ ନିମ୍ନଲିଖିତ ଯୋଜନା ପ୍ରସ୍ତୁତ କରାଯିବ ।

- କୋରାପୁଟ, ରାୟଗଡ଼ା, ନୂଆପଡ଼ା ଏବଂ ବାଲେଶ୍ୱର -୧ ଜିଲ୍ଲାମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ଭଜନ କେନ୍ଦ୍ର କିମ୍ବା ସମିତି ମାଧ୍ୟମରେ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବ ।
- ଏହି ଜନଜାତିମାନଙ୍କ ଉନ୍ନୟନ କାର୍ଯ୍ୟକ୍ରମରେ ଯେଉଁ ଗ୍ରାମସେବା ଗ୍ରାମଗୁଡ଼ିକ ଚୟନ କରିବା ଏବଂ ଯେଉଁ ସେବାଦଳମାନେ କାର୍ଯ୍ୟ କରିବେ ସେମାନଙ୍କର ବିବରଣୀ ଆଗାମୀ ଆରାଧନା ମହୋତ୍ସବ ପୂର୍ବରୁ ସମିତିମାନେ ଶେଷ କରିବେ । ସେମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆଗାମୀ ଗୁରୁପୂର୍ଣ୍ଣିମା ପୂର୍ବରୁ ସରିବ ।

- ସେହି ଗ୍ରାମଗୁଡିକର ପରିମଳ ଓ ଅଧିବାସୀମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ରୂପେ ଗ୍ରହଣ କରି କାର୍ଯ୍ୟ ଖସଡାମାନ ପ୍ରସ୍ତୁତ କରାଯିବ । ଏହି ଯୋଜନାର ବିବରଣୀ ଆସନ୍ତା ଅପ୍ରେଲ ୨୪ ତାରିଖ ପୂର୍ବରୁ ଜିଲ୍ଲା ସଭାପତି, ରାଜ୍ୟର ଦାୟିତ୍ୱରେ ଥିବା ଭାଇଙ୍କ ପାଖକୁ ପଠାଇବେ ।
- ସେମାନଙ୍କର ଜୀବିକାର ମାନଉନ୍ନତି ପାଇଁ ଘାସ ଚାଷ, ପଶୁପାଳନ ଓ କୃଷି ସମ୍ବନ୍ଧୀୟ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟର ଏହି ଦାୟିତ୍ୱରେ ଥିବା ଭାଇଙ୍କ ସହ ପରାମର୍ଶ କ୍ରମେ ଯୋଜନା ପ୍ରସ୍ତୁତ କରିବେ ।
- କୌଣସି ରୋଗାକ୍ଲିଷ୍ଟଙ୍କୁ ଚିହ୍ନଟ କରି ତାର ସମସ୍ତ ଚିକିତ୍ସାର ସହାୟତା କରିବା ପାଇଁ ସମିତିର ଆବାହକ ନିଶ୍ଚିତ ଯୋଜନାମାନ ପ୍ରସ୍ତୁତ କରିବେ ।
- ପ୍ରକାଶ ଥାଉକି ନିଆଯାଇଥିବା ଜନଜାତି ଗ୍ରାମଗୁଡିକ ସେହି ସମିତିର ଗ୍ରାମସେବା କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହାର ଅଗ୍ରଗତୀ ଆସନ୍ତା ଅବତାର ପ୍ରକଟନ ଦିବସ -୨୦୨୧ରେ ରାଜ୍ୟ ସଂଗଠନ ଦ୍ୱାରା ସମୀକ୍ଷା କରାଯିବ ।

# ପ୍ରଶାନ୍ତି ସେବା

ପ୍ରଶାନ୍ତି ସେବା ଏକ ସାଧନା ଅଟେ, ଯାହାଦ୍ୱାରା ପ୍ରତ୍ୟେକ ସେବକ ବା ସେବିକାଙ୍କୁ ଅଧିକ ପରିମାର୍ଜିତ ଭାବେ ରୂପାନ୍ତରିତ ପାଇଁ ସୁଯୋଗ ମିଳିଥାଏ । ଭଗବାନଙ୍କର ଏହି କ୍ଷେତ୍ରରେ ସେବାର ସୁଯୋଗ ପାଇ ପ୍ରତ୍ୟେକ ନିଜର ଆଧ୍ୟାତ୍ମିକ ଯାତ୍ରାକୁ ତ୍ୱରାନ୍ୱିତ କରିଥାଆନ୍ତି ।

- ପ୍ରଶାନ୍ତି ସେବାରେ ଭାଗ ନେଉଥିବା ସେବାଦଳ ଭାଇ-ଭଉଣୀମାନଙ୍କର ବିବରଣୀ ପ୍ରତ୍ୟେକ ସମିତିର ଆବାହକଙ୍କ ପାଖରେ ଲିପିବଦ୍ଧ ହୋଇ ରହିବ । ଯେଉଁମାନେ ଭାଗ ନେଉଛନ୍ତି ସେମାନଙ୍କର ନାମ, ବୟସ, ବୃତ୍ତି, ଯୋଗ୍ୟତା, ବିଶେଷ ଦକ୍ଷତା, ରକ୍ତ ନମୁନା ଏବଂ ଯୋଗାଯୋଗ ପାଇଁ ଫୋନ ନଂ. ଏବଂ ଇ-ମେଲ ଏଥିରେ ସ୍ଥାନ ପାଇବ ।
- ଯେଉଁମାନେ ସେବାଦଳ ରୂପେ ପରିଗଣିତ ହେବେ ତାଙ୍କର ସର୍ବନିମ୍ନ ଯୋଗ୍ୟତା ମଧ୍ୟରେ ପ୍ରଶାନ୍ତି ସେବା ଅନ୍ତତଃପକ୍ଷେ ୨ ବର୍ଷରେ ଥରେ କିମ୍ବା ଅଧିକରୁ ୩ ବର୍ଷର ଥରେ ଭାଗ ନେଇଥିବା ଦରକାର ।





- ନୂତନ ଭାବେ ଯୋଗଦେବା ପାଇଁ ଚାହୁଁଥିବା ସେବାଦଳମାନେ ପ୍ରଶାନ୍ତି ସେବା ପ୍ରଶିକ୍ଷଣ ଯାହାକି ଜିଲ୍ଲାସ୍ତରରେ କିମ୍ବା ସମିତି ସ୍ତରରେ ପ୍ରସିକ୍ଷିତ ନିଶ୍ଚିତ ହେବେ ।
- ସେମାନଙ୍କର ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ କିମ୍ବା ୬୫ ବର୍ଷରୁ କମ୍ ହୋଇଥିବା ଦରକାର ।
- ଆଗାମୀ ଶିବରାତ୍ରି ସୁଦ୍ଧା ପ୍ରତ୍ୟେକ ଜିଲ୍ଲା ପ୍ରଶାନ୍ତି ଟାକ୍ସଫୋର୍ସରେ ଯୋଗ ଦେବା ପାଇଁ ଅନ୍ତତଃପକ୍ଷେ ୧୫ ଜଣ ଭାଇ ଏବଂ ୧୦ ଜଣ ଭଉଣୀ (ବିଶେଷ ଭାବରେ ଯୁବ ବୟସର) ସେବାଦଳଙ୍କୁ ମନୋନୀତ କରିବେ । ଯେଉଁମାନେ କି ପ୍ରଶାନ୍ତିଠାରେ ଆବଶ୍ୟକ ମୁତାବକ ସେବା ଯେ କୌଣସି ସମୟରେ ଯୋଗଦେଇ ପାରୁଥିବେ । ଏହାର List ରାଜ୍ୟ ଦାୟିତ୍ୱରେ ଥିବା ଭାଇ ଓ ଭଉଣୀଙ୍କ ପାଖରେ ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।
- ପ୍ରଶାନ୍ତି ସେବାର ଗୁଣାତ୍ମକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଆଗାମୀ ଜୁନ୍ ମାସସୁଦ୍ଧା ମଣ୍ଡଳ / ଜିଲ୍ଲା ସ୍ତରିୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ।
- ପ୍ରତ୍ୟେକ ସେବା କାର୍ଯ୍ୟ ପରେ ଜିଲ୍ଲା ସ୍ତରରେ କାର୍ଯ୍ୟଧାରାର ସମୀକ୍ଷାକୁ ଗୁରୁତ୍ୱ ଦିଆଯିବ । ସେଥିଲାଗି ଜିଲ୍ଲାର ସେବା ସଂଯୋଜକ / ସଂଯୋଜିକା ସେବାଦଳଙ୍କର ଚୟନ ଏବଂ କାର୍ଯ୍ୟଧାରାର ବିବରଣୀ ସଂଗ୍ରହ କରିବେ ।
- ଯୁବ ବର୍ଗର ଏହି ସେବାରେ ଯୋଗଦାନ ପାଇଁ ଉତ୍ସାହିତ କରାଯିବ ଏବଂ ଆଗାମୀ ପ୍ରଶାନ୍ତି ସେବାରେ ନିର୍ଦ୍ଧାରିତ କୋଟାରୁ ୪୦% ସଂଗ୍ରକ୍ଷଣ କରାଯିବ ।

# ପ୍ରଶାନ୍ତି ସୁରକ୍ଷା ସେବା

ଜାତୀୟ ସ୍ତରର ନିଷ୍ପତ୍ତି ଅନୁଯାୟୀ ୨୦୨୫ ସୁଦ୍ଧା ପ୍ରତ୍ୟେକ ସମିତି ନିର୍ଦ୍ଧାରିତ ମାନଦଣ୍ଡକୁ ଦୃଷ୍ଟିରେ ରଖି ଅନ୍ତତଃ ଦୁଇଜଣଙ୍କୁ ପ୍ରଶିକ୍ଷିତ କରାଇବା ଦରକାର । ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ ଯୁବ ସକ୍ରିୟ କର୍ମୀଙ୍କ ଯୋଗଦାନକୁ ଉତ୍ସାହିତ କରିବା ଦରକାର ।

## ୨୦୨୧ ମସିହା ପାଇଁ ଯୋଜନା

- ଆଗାମି ଗୁରୁପୂର୍ଣ୍ଣିମା ସୁଦ୍ଧା ଜିଲ୍ଲାମାନଙ୍କରେ ପ୍ରଶାନ୍ତି ସୁରକ୍ଷା ସେବା କର୍ମୀ ଭାବେ ଯୋଗଦେଉଥିବା ଭାଇମାନଙ୍କର ଚିଠା ଏବଂ ନୂତନ ଭାବେ

ଯୋଗଦେବା ପାଇଁ ଅନ୍ତତଃ ୨ ଜଣଙ୍କୁ ଚୟନ କରାଯିବ । ସର୍ବନିମ୍ନ ଯୋଗ୍ୟତା ନିଶ୍ଚିତ ଭାବେ ଜଣେ ସେବାଦଳ ହିସାବରେ ପ୍ରଶାନ୍ତିରେ ଯୋଗଦେବା ପାଇଁ ଇଚ୍ଛୁକ ଥିବେ ।

- ଆଗାମୀ ଅବତାର ଦିବସ ସୁଦ୍ଧା ରାଜ୍ୟ ସ୍ତରରେ ଏକ ଓରିଏଣ୍ଟେସନ୍ ଶିବିର ପରିଚାଳିତ କରାଯିବ ।

# ନିର୍ମଳ ଝର

## (ବିଶୁଦ୍ଧ ପାନୀୟ ଜଳ ବିତରଣ)

ଭାଗବାନଙ୍କର ଅଶେଷ ଦୟାରେ ତାଙ୍କରି ସୃଷ୍ଟ ଜଳକୁ ନିରାପଦ ପାନୀୟ ଜଳ ରୂପେ ସର୍ବସାଧାରଣଙ୍କ ପାଖରେ ଉପଲବ୍ଧ କରାଇବା ଆମ ସଂଗଠନର ଏକ ବିଶେଷ କାର୍ଯ୍ୟକ୍ରମ ।

- ଗ୍ରୀଷ୍ମ ଋତୁରେ ତୃଷାର୍ତ୍ତ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ଯାହାକି ଜନ ଗହଳି ସ୍ଥାନ ପାଖରେ ବଣ୍ଟନର ବ୍ୟବସ୍ଥା କରିବା ।
- ବର୍ଷସାରା ଶୋଷିଲା ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇବା ପାଇଁ ସ୍ଥାନୀୟ ସମିତି ଅଧିକାଂଶ ସାଇ ଜିଲ୍ଲାରେ ମେସିନ୍‌ମାନ ସ୍ଥାପନ କରିଛନ୍ତି ।
- ଗ୍ରାମବାସୀମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ଆରୋପ୍ଲାଣ୍ଟ ମାଧ୍ୟମରେ ଫ୍ଲୋରାଇଡ୍ କିମ୍ବା ଲୁଣମୁକ୍ତ ଜଳ ପ୍ରକଳ୍ପମାନ ନୂଆପଡା ଜିଲ୍ଲାରେ ୮ଟି, ବଲାଙ୍ଗିର ଜିଲ୍ଲାରେ ୧ଟି, କଳାହାଣ୍ଡି ଜିଲ୍ଲାରେ ୧ଟି ଏବଂ ଜଗତ୍‌ସିଂହପୁର ଜିଲ୍ଲାରେ ୧ଟି ପ୍ରତିଷ୍ଠା କରାଯାଇଛି ।
- ଏହି ସେବା ମାଧ୍ୟମରେ ଉପଭୋକ୍ତାମାନେ ସୁଦ୍ଧ ପାନୀୟ ଜଳ ପାନ କରିବା ଦ୍ୱାର ଅଧିକାଂଶ ବ୍ୟାଧିରୁ ମୁକ୍ତ ହୋଇପାରିଛନ୍ତି ।
- ଭଗବାନଙ୍କ ପ୍ରତି ତଥା ସଂଗଠନ ପ୍ରତି ସେମାନଙ୍କର ବିଶ୍ୱାସ ଦୃଢ ହେବା ସହିତ, କୃତଜ୍ଞତା ସ୍ୱରୂପ ସେମାନେ ସଂଗଠନର କାର୍ଯ୍ୟଧାରାରେ ସାମିଲ ହୋଇଛନ୍ତି ।

ଚଳିତ ୨୦୨୧ ପାଇଁ : ଯେଉଁ କେତୋଟି ଜିଲ୍ଲାରେ ଫ୍ଲୋରାଇଡ୍ ମୁକ୍ତ ପାଣି ଯୋଗାଇବା ପାଇଁ ସର୍ଭେ କାମ ସରିଛି, ଏହି ବର୍ଷ ପ୍ଲାଣ୍ଟମାନ ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ କରାଯିବ ।





- ପ୍ରକଳ୍ପ ସମାପ୍ତ ହୋଇଥିବା ଜିଲ୍ଲାରେ ମେସିନ୍‌ଗୁଡିକର ସୁରକ୍ଷା, ପାଣିର ସୁଦ୍ଧତା ଓ ତାର ପରିବେଶକୁ ସୌନ୍ଦର୍ଯ୍ୟ କରଣ ପାଇଁ ସମିତିର ଆବାହକ ଓ ସେବା ସଂଯୋଜକ ମାସିକ / ତ୍ରୈମାସିକ ଯୋଜନା ପ୍ରସ୍ତୁତ କରିବେ । ଏହାର ସମୀକ୍ଷା ରିପୋର୍ଟ ରାଜ୍ୟର ଦାୟିତ୍ୱରେ ଥିବା ଭାଇଙ୍କ ପାଖକୁ ପ୍ରତି ୩ ମାସରେ ଜିଲ୍ଲା ସଭାପତିଙ୍କ ମାଧ୍ୟମରେ ପଠାଇବେ ।

# ଟେକ୍ନୋ ଇ-ମିଡିଆ

ଶ୍ରୀ ସତ୍ୟସାଇ ଜଳଧାରା (Rain Water harvesting)

- ଜଳାଭାବ ଓ ଜଳ ସଂଗ୍ରକ୍ଷଣକୁ ଦୃଷ୍ଟିରେ ରଖି ଆଗାମୀ ଦିନମାନଙ୍କରେ ବର୍ଷା ଜଳର ସଦୋପଯୋଗ କରିବା ପାଇଁ ସଚେତନତା ସୃଷ୍ଟି କରିବା ।
- ଏହି ଜଳକୁ ଛାତ ଉପରୁ ଭୂମି ଉପରେ ନ ଛାଡି ଏକ ଗର୍ତ୍ତ ମାଧ୍ୟମରେ ଭୂତଳକୁ ଛାଡିବା ଯାହାଦ୍ୱାର ଭୂତଳ ଜଳର ସ୍ତର ବୃଦ୍ଧି ହେବ ଏବଂ ଭୂମି ଆଦ୍ରତା ଅଧିକ ରହିଲେ ପରିବେଶରେ ଉତାପ କମ୍ ରହିବ ।
- ସଂଗଠନର ସମସ୍ତ ସଦସ୍ୟ ଏଥିପ୍ରତି ସଚେତନ ରହିବେ ଓ ଆବାହକଙ୍କ ମାଧ୍ୟମରେ କାର୍ଯ୍ୟଧାରାର ବିବରଣୀ ରାଜ୍ୟ ସଂଗଠନକୁ ପଠାଇବେ । ଏହା ବିଶେଷ ସୂଚନା ପାଇଁ ଓ ସୁଫଳ ପ୍ରଦାନ ପାଇଁ ରାଜ୍ୟ ଦାୟିତ୍ୱରେ ଥିବା ଭାଇଙ୍କ ସହ ଯୋଗାଯୋଗ କରିବେ ।

## ଗୋବର ଗ୍ୟାସର ବ୍ୟବହାର

- ସତ୍ୟସାଇ ସଂଗଠନର ଅଧିକାଂଶ ସମିତି / ଭଜନ ମଣ୍ଡଳୀ ଗ୍ରାମରେ ଅବସ୍ଥିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି ଗ୍ରାମସେବା କାର୍ଯ୍ୟକ୍ରମରେ ଉତ୍ସାହିତ କରିବେ ।
- ଗ୍ରାମରେ ଗୋରୁଗାଈଙ୍କର ପାଳନ କରିବା ସହିତ ତାଙ୍କର ମଳରୁ ଏହି ଗ୍ୟାସ ଉତ୍ପନ୍ନ କରାଯାଇ ବ୍ୟବହାର କରିବାର ସଚେତନତା ସଂଗଠନ ମାଧ୍ୟମରେ ପହଞ୍ଚାଇବା ।
- ଏହି ଗ୍ୟାସକୁ ରୋଷେଇ ଓ ଆଲୋକ ଜଳିବାରେ ବ୍ୟବହାର କରିବା ଦ୍ୱାରା ଗ୍ରାମବାସୀମାନେ ଉପକୃତ ହୁଅନ୍ତି । ଏହାକୁ ଉତ୍ସାହିତ କରିବା ପାଇଁ ସରକାରଙ୍କର ବିଭିନ୍ନ ପ୍ରକାର ଆର୍ଥିକ ସହାୟତାମାନ ରହିଛି ।
- ଆଗାମୀ ଗୁରୁପୂର୍ଣ୍ଣିମା ସୁଦ୍ଧା ସମିତିମାନେ ଗ୍ରାମସେବା ପାଇଁ ଚୟନ କରାଯାଇଥିବା ଗ୍ରାମ ଓ ସତ୍ୟସାଇ ହାଉସିଂ ପ୍ରୋଜେକ୍ଟ ଗ୍ରାମରେ ଉପଭୋକ୍ତାମାନଙ୍କର ଚୟନ

କରିବେ । ସରକାରୀ ସାହାଯ୍ୟର ସୁବିଧା ଯୋଗାଇବା ପାଇଁ ନିର୍ଦ୍ଧାରିତ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ ।

## ସୌର ଶକ୍ତିର ପରିଚାଳନା

- ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାହାଡିଆ ଇଲାକାରେ ଥିବା ବିଶେଷ ଭାବରେ ଥିବା ଜନଜାତିର ଲୋକମାନଙ୍କ ପାଇଁ ଏହି ସୌରଶକ୍ତି ବ୍ୟବହାରକୁ ପ୍ରଚଳନ କରାଯାଇ ପାରିବ ।
- ଏଥିରେ ମଧ୍ୟ ସରକାରୀ ସାହାଯ୍ୟ ଉପଲବ୍ଧ ରହିଥିବାରୁ ସଂଗଠନର କର୍ମୀମାନେ ସଚେତନତା ସୃଷ୍ଟି କରିବେ ଏବଂ ରାଜ୍ୟ ଦାୟିତ୍ୱରେ ଥିବା ଭାଇଙ୍କ ସହ ବିଶେଷ ସୂଚନା ପାଇଁ ଯୋଗାଯୋଗ ରକ୍ଷା କରିବେ ।

# ସାଇ ସ୍ୱାବଲମ୍ବି (Self Reliance)

- ଶ୍ରୀ ସତ୍ୟସାଇ ସଂଗଠନ ଦ୍ୱାର ୨୦୨୦ ମସିହାର କୋଭିଡ୍ ମହାମାରି ସମୟରେ ଜୀବିକା ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ଭଗବାନଙ୍କର ଏକ ଆଦର୍ଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ।
- କୋଭିଡ୍ ସମୟରେ ଅଧିକାଂଶ ଲୋକ ଜୀବିକା ହରାଇ ଗୃହବନ୍ଦୀ ଭଳି ରହି ଦୀର୍ଘଦିନ ଦୁଇଓଳି ଖାଇବାକୁ ମଧ୍ୟ ପାଉନଥିଲେ । ସଂଗଠନର ନିର୍ଦ୍ଦେଶ କ୍ରମେ ସେମାନଙ୍କୁ କିଛି ପରିମାଣର ଖାଦ୍ୟ ସାମଗ୍ରି କିଛିଦିନ ପାଇଁ ଯୋଗାଇ ଦିଆଯାଇଥିଲା, ଯଦିଓ ଏହା ସାମୟିକ ଭାବେ ସହାୟକ ହୋଇଥିଲା କିନ୍ତୁ ତାଙ୍କର ଦୀର୍ଘଦିନ ପାଇଁ ଜୀବିକା ନିର୍ବାହ ସମସ୍ୟା ଦୂର ହୋଇ ପାରିଲା ନାହିଁ ।
- ତେଣୁ ସଂଗଠନ ଏହି ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ଜଣକୁ ସ୍ୱାବଲମ୍ବି କରି ତାର ଜୀବିକା ଅର୍ଜନ ପାଇଁ ଓଡିଶାର ସବୁ ସମିତି ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ ।
- ଏହି ଭଳି ଉତ୍ସାହି ଓ ପରିଶ୍ରମି ବ୍ୟକ୍ତିଙ୍କୁ ଚିହ୍ନଟ କରିବା, ସରକାରୀ ସାହାଯ୍ୟ ପାଇଁ ମାର୍ଗ ଦେଖାଇବା କିମ୍ବା ସଂଗଠନର ସକ୍ଷମତା ଅନୁଯାୟୀ ସେମାନଙ୍କୁ ସାହାଯ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଢା ଯାଇଛି ।
- ଏହି ଉଦ୍‌ଯୋଗୀ ବ୍ୟକ୍ତିମାନଙ୍କର ଅନୁଭୂତି ଏବଂ ଦକ୍ଷତାକୁ ଆକଳନ କରି ଆବଶ୍ୟକୀୟ ସରଞ୍ଜାମ ଯୋଗାଡ କରିବା କିମ୍ବା ବ୍ୟାଙ୍କମାନଙ୍କର ଋଣ ସୁବିଧାକୁ





ସଂଯୋଜିତ କରିବାମାନ ଏହି କମିଟିର କାର୍ଯ୍ୟଧାରା ଭିତରେ ଥିଲା ।

- ସେଥିମଧ୍ୟରୁ ଚାଷ କାର୍ଯ୍ୟ ହେଉ କିମ୍ବା ଛୋଟ ବ୍ୟବସାୟ ହେଉ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏହି କାର୍ଯ୍ୟକ୍ରମର ଅନ୍ତଃର୍ଭୁକ୍ତ ।
- ଓଡିଶାରେ ପ୍ରାୟ ସବୁ ଜିଲ୍ଲାମାନଙ୍କର ଉପଭୋକ୍ତା ସଂଖ୍ୟା ମିଶାଇଲେ ୧୭୪ ଜଣ ଭଗବାନଙ୍କର କୃପା ଲାଭ କରିଛନ୍ତି ଏବଂ ସଂଗଠନ ପାଖରେ କୃତଜ୍ଞତା ପ୍ରକାଶ କରିଛନ୍ତି ।
- ଚଳିତ ୨୦୨୧ ମସିହାରେ ଆମର ଲକ୍ଷ୍ୟ ଯେଉଁମାନେ ଉପକୃତ ହୋଇଛନ୍ତି ସେମାନଙ୍କୁ ସାଂଗଠନିକ କାର୍ଯ୍ୟଧାରାରେ ସାମିଲ କରିବା ।
- ଦୁଇ ମାସରେ ଥରେ ସମିତିର ଆବାହକ ଉପଭୋକ୍ତାମାନଙ୍କ ସହିତ ସଂପର୍କ ସ୍ଥାପନ କରି ଅଗ୍ରଗତିର ଅନୁଧ୍ୟାନ କରିବେ ଓ ରାଜ୍ୟ ସଂଗଠନକୁ ରିପୋର୍ଟ ପ୍ରଦାନ କରିବେ ।
- ଆସନ୍ତା ମାର୍ଚ୍ଚ ମାସ ଶେଷସୁଦ୍ଧା ସମିତିମାନେ ଅନ୍ତତଃପକ୍ଷେ ଜଣେ ଲେଖା ସାଇ ସ୍ୱାବଲମ୍ବି ମାଧ୍ୟମରେ ତାର ଜୀବିକା ସ୍ଥାପନ କରିବା ପାଇଁ ଚୟନ କରିବେ ଏବଂ ଏହି ଉପଭୋକ୍ତା ନିଶ୍ଚିତ ଭାବରେ ଗ୍ରାମସେବାର ଗ୍ରାମରେ ଅନ୍ତର୍ଭୁକ୍ତ ହୋଇଥିବା ଦରକାର ।
- ଆଗାମୀ ଅବତାର ଦିବସ ଅକ୍ଟୋବର ୨୦ ତାରିଖରେ ନୂତନ ଭାବେ ସାହାଯ୍ୟପ୍ରାପ୍ତ ହୋଇଥିବା ଉପଭୋକ୍ତା ଏବଂ ପୂର୍ବରୁ ଉପକୃତ ହୋଇଥିବା ବ୍ୟକ୍ତିମାନଙ୍କର ବିବରଣୀ ଫଟୋ ସହ ଭଗବାନଙ୍କ ପାଦପଦ୍ମରେ ସମର୍ପିତ କରିବା ଏବଂ ରାଜ୍ୟର ପୋର୍ଟାଲରେ ସ୍ଥାନୀତ କରିବା ।

# ଶ୍ରୀ ସତ୍ୟସାଇ ରାଷ୍ଟ୍ରୀୟ ନାରାୟଣ ସେବା

ଯେ ସ୍ୱୟଂ ସର୍ବ ଐଶ୍ୱର୍ଯ୍ୟର ସ୍ୱାମୀ ତାଙ୍କ ସନ୍ତାନମାନେ ଯେ ଭୋକରେ ରହିବେ ତାହା କି ସେ ଦେଖିପାରିବେ !

- ଦରିଦ୍ର କ୍ଷୁଧାର୍ଥ ଲୋକମାନଙ୍କ ପାଖକୁ ଯାଇ ତାଙ୍କ କ୍ଷୁଧା ନିବାରଣ ପାଇଁ ସ୍ୱାମୀ ସ୍ୱୟଂ ଆରମ୍ଭ କରିଥିବା ଏହି ପ୍ରକଳ୍ପଟି ରାଷ୍ଟ୍ରୀୟ ନାରାୟଣ ସେବା ନାମରେ ନାମିତ ।
- ପ୍ରତ୍ୟେକ ଦରିଦ୍ର କ୍ଷୁଧାର୍ତ୍ତଙ୍କୁ ନାରାୟଣଙ୍କ ସ୍ୱରୂପ ମନେ କରି ତାଙ୍କୁ ଖାଦ୍ୟ ଅର୍ପଣ କରିବା ଅମା ପାଇଁ ଏକ ମହର୍ଘ୍ୟ ସୁଯୋଗ ।

- ଆମେ ଏହାକୁ ନିଜ ସୁକର୍ମର ଫଳ ସ୍ୱରୂପ ଭଗବାନଙ୍କ ପ୍ରଦତ୍ତ ଏକ ଦିବ୍ୟ ସୁଯୋଗ ବୋଲି ମନେକରିବା ।

ନାରାୟଣମାନଙ୍କର ଉପଯୋଗୀତା ଓ ଆବଶ୍ୟକତାକୁ ନେଇ ଏହି ସେବା ବିଭିନ୍ନ ରୂପରେ କରାଯାଉଛି ।

- ଶ୍ରୀ ସତ୍ୟସାଇ ନାରାୟଣ ସେବା : ସ୍ୱାମୀଙ୍କ ଜନ୍ମଦିନ, ଗୁରୁପୂର୍ଣ୍ଣିମା, ଆରାଧନା ମହୋତ୍ସବ ଆଦି ତିଥି ଓ ପର୍ବପର୍ବାଣି ମାନଙ୍କରେ ସମିତିମାନେ ରନ୍ଧା ଖାଦ୍ୟର ପ୍ରସାଦ ବଣ୍ଟନ କରିଥାନ୍ତି । ତାହା ମନ୍ଦିର, ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ ଆଦି ସ୍ଥାନରେ ଗରୀବ ଭୋକିଲା ବ୍ୟକ୍ତମାନଙ୍କୁ ବଣ୍ଟନ କରିଥାନ୍ତି । ଏହାଛଡା ସମିତି ସ୍ତରରେ ମାସିକ କିମ୍ବା ସପ୍ତାହିକ ଭାବେ ପ୍ରସାଦ ରୋଷେଇ କରାଯାଇ ନାରାୟଣଙ୍କୁ ଦିଆଯାଇଥାଏ ।
- ଶ୍ରୀ ସତ୍ୟସାଇ ଅମୃତ କଳସ : ସହର ଓ ଗ୍ରାମରେ ଦୁସ୍ଥ ଅବହେଳିତ ସ୍ଥାନମାନଙ୍କରେ ଦରିଦ୍ର ଅସହାୟ ନାରାୟଣମାନଙ୍କୁ ମାସିକ ଆବଶ୍ୟକୀୟ ସାମଗ୍ରି ଯଥା - ଚାଉଳ, ଡାଲି, ତେଲ ଓ ରୋଷେଇର ସାମଗ୍ରି ଆଦି ଯୋଗାଇଦେବାର ଏକ ଅନନ୍ୟ ସେବା ହେଉଛି ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ।
- ଶ୍ରୀ ସତ୍ୟସାଇ ନିତ୍ୟ ଅନ୍ନଦାନ ସେବା : କିଛି କ୍ଷେତ୍ରରେ ଉପଭୋକ୍ତାମାନେ ସ୍ୱାସ୍ଥ୍ୟ ହୀନତା କିମ୍ବା ବୟସର ଅଧିକତା ହେତୁ ନିଜେ ରୋଷେଇ କରିବା କିମ୍ବା ଭିକ୍ଷାବୃତ୍ତି ଅସମର୍ଥ ଥାଆନ୍ତି । ସେହି କ୍ଷେତ୍ରରେ ସମିତି ପ୍ରତ୍ୟହ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ତାହାକୁ ନେଇ ଅତି ପ୍ରେମ ଶ୍ରଦ୍ଧାର ସହ ତାଙ୍କ ପାଖରେ ପହଞ୍ଚାଇବା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

"ସ୍ୱାମୀ କହନ୍ତି କୌଣସି ବ୍ୟକ୍ତି କେବେ ଭୋକିଲା ଶୋଇବେ ନାହିଁ । କେହି ଜଣେ କ୍ଷୁଧାର୍ତ୍ତକୁ ଅନ୍ନ ଅର୍ପଣ କରିବା ସ୍ୱୟଂ ସର୍ବବିଦ୍ୟମାନ ଈଶ୍ୱରଙ୍କୁ ନୈବେଦ୍ୟ ଅର୍ପଣ କରିବା ସହିତ ସମାନ ।"

ଚଳିତ ୨୦୨୧ ମସିହାରେ ଏହି କାର୍ଯ୍ୟଧାରାକୁ ସୂଚାରୁ ରୂପେ ପରିଚାଳିତ କରିବା ସହିତ ପାରିବାରିକ ନାରାୟଣ ସେବାକୁ ଅନ୍ତର୍ଭୁକ୍ତ କରାଯାଉଛି ।

- ପାରିବାରିକ ସେବା : ପ୍ରତ୍ୟେକ ସମିତି / ଭଜନ ମଣ୍ଡଳୀର ସଭ୍ୟ ନିଜ





ପରିବାରରେ ଖାଦ୍ୟ ପ୍ରସ୍ତୁତି ବେଳେ ଜଣେ ନାରାୟଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଓ ନିଜ ଅଞ୍ଚଳରେ କେହି ଜଣେ ଭୋକିଲା ବ୍ୟକ୍ତିଙ୍କୁ ଚିହ୍ନଟ କରି ଖାଦ୍ୟ ଯୋଗାଇ ଦେବା । ଏହା ଦ୍ୱାରା ନିଜର ପଡୋଶୀ ଓ ସଂପର୍କୀୟମାନେ ଏହି ସେବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

- ଆଗାମୀ ଦିନରେ ସମସ୍ତ ସମିତି ମାସିକ କିମ୍ବା ସାପ୍ତାହିକ ନାରାୟଣ ସେବା କରିବା ପାଇଁ ଜିଲ୍ଲାମାନେ ଦୃଷ୍ଟି ଦେବେ ।
- ନାରାୟଣ ସେବାକୁ ଅଧିକ ଉତ୍ସାହିତ କରିବା ପାଇଁ ଗ୍ରାମସେବା ଗ୍ରାମଗୁଡିକରେ ଖାଦ୍ୟ ନଷ୍ଟ ନ କରି ଏହି କାର୍ଯ୍ୟକ୍ରମରେ ଦୁଃଖୀ ଦରିଦ୍ରଙ୍କୁ ଖାଦ୍ୟ ପ୍ରଦାନ କରିବାର ସଚେତନତା ସୃଷ୍ଟି କରିବା ।
- ୨୦୨୧ର କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସମିତି ସ୍ତରରେ କରାଯାଉଥିବା ନାରାୟଣ ସେବାକୁ ପୁଡିଆ କରି ଉପଭୋକ୍ତାମାନଙ୍କ ପାଖରେ ପହଞ୍ଚାଇବା ।
- ସମିତିମାନଙ୍କର ଆନୁକୂଲ୍ୟରେ କରାଯାଉଥିବା ନାରାୟଣ ସେବା, ପାରିବାରିକ ନାରାୟଣ ସେବା, ନିତ୍ୟଅନ୍ନଦାନ ନାରାୟଣ ସେବା ଓ ଅମୃତ କଳସର ଉପଭୋକ୍ତାମାନଙ୍କର ଏକ ତ୍ରୈମାସିକ ରିପୋର୍ଟ ଜିଲ୍ଲା ସଭାପତିଙ୍କ ମାଧ୍ୟମରେ ରାଜ୍ୟ ଦାୟିତ୍ୱରେ ଥିବା ଭାଇଙ୍କ ପାଖକୁ ପଠାଯିବ ଯେଉଁଥିରେ କି କେତେ ଥର କରାଯାଉଛି ଓ କେତେ ନାରାୟଣଙ୍କୁ ବିତରଣ କରାଗଲା ତାର ଏକ ସଂକ୍ଷିପ୍ତ ରିପୋର୍ଟ ପଠାଇବେ ।

*

# ଶିକ୍ଷା ବିଭାଗ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦପଦ୍ମରେ ସପ୍ରେମ ପ୍ରଣାମ- ଭଗବାନଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ପରିପ୍ରେକ୍ଷୀରେ ଆମ ରାଜ୍ୟ ସଂଗଠନ ତରଫରୁ ଶିକ୍ଷା ବିଭାଗ ପାଇଁ ଯେଉଁ 'ଭିଜନ-୨୦୨୫" ପ୍ରସ୍ତୁତ କରାଯାଇଛି, ତାହାକୁ ଦୃଷ୍ଟିରେ ରଖି ଚଳିତ ସାଇ ବର୍ଷ ୨୦୨୧ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ଶିକ୍ଷା ବିଭାଗ ଅନ୍ତର୍ଗତ ପ୍ରତ୍ୟେକ କାର୍ଯ୍ୟକ୍ରମର ଗୁଣାତ୍ମକ ଓ ସଂଖ୍ୟାତ୍ମକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ୫ଟି ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି - କୋର ଆଡଭାଇଜରୀ କମିଟି, ବାଳବିକାଶ କୋର୍ଡିନେସନ କମିଟି, ଏଡୁକେଶନ ରିସର୍ଚ୍ଚ କମିଟି, ଡିଷ୍ଟ୍ରିକ୍ଟ ମନିଟରିଂ କମିଟି ଓ ବିଦ୍ୟା ବାହିନୀ କମିଟି । ବାଳ ବିକାଶ ତଥା ଶ୍ରୀ ସତ୍ୟ ସାଇ ଶିକ୍ଷା ସମ୍ବନ୍ଧୀୟ ଏକ ରାଜ୍ୟ ସ୍ତରୀୟ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଭଗବାନଙ୍କ ପାଦପଦ୍ମରେ ପ୍ରାର୍ଥନା ନିବେଦନ କରାଯାଇଛି । ଚଳିତ ସାଇ ବର୍ଷ ୨୦୨୧ ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମଗୁଡ଼ିକୁ ଭଗବାନଙ୍କ ଦିବ୍ୟ ପାଦପଦ୍ମରେ ନୈବେଦ୍ୟ ଭାବେ ଅର୍ପଣ କରାଯାଉଛି :-

୧. **ସଂଖ୍ୟାତ୍ମକ ସଂପ୍ରସାରଣ : -** ସାଇ ଶିକ୍ଷାର ଆଦର୍ଶକୁ ଅଧିକ ପ୍ରସାରଣକ୍ଷମ କରିବାର ଲକ୍ଷ୍ୟ ନେଇ ଚଳିତ ବର୍ଷ ନୂତନଭାବେ ୫୦ଟି ବାଳବିକାଶ କେନ୍ଦ୍ର, ୫ଟି ବିଦ୍ୟାଳୟ ବାଳବିକାଶ କେନ୍ଦ୍ର, ୭ଟି ବିଦ୍ୟାଜ୍ୟୋତି ବାଳବିକାଶକେନ୍ଦ୍ର, ୪ଟି ଜନଜାତୀୟ ବାଳବିକାଶ କେନ୍ଦ୍ର (ରାୟଗଡ଼ା, କୋରାପୁଟ, ନୂଆପଡ଼ା ଓ ବାଲେଶ୍ୱର-୧) ଏବଂ ୫ଟି ପ୍ରାକ୍‌ସେବାଦଳ କେନ୍ଦ୍ର ଉଦ୍‌ଘାଟିତ ହେବ । ଏହିସବୁ ବାଳବିକାଶ କେନ୍ଦ୍ରମାନଙ୍କରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ପ୍ରାକ୍‌ସେବାଦଳ କେନ୍ଦ୍ରମାନଙ୍କର ପ୍ରାୟ ୩୦ଜଣ ଛାତ୍ରଛାତ୍ରୀ ଶିକ୍ଷାପ୍ରାପ୍ତ କରିବେ ଏବଂ ଏମାନଙ୍କୁ ୫୦ଜଣ ନୂତନ ବାଳବିକାଶ ଗୁରୁ ତଥା ୧୦ଜଣ ନୂତନ ପ୍ରାକ୍-ସେବାଦଳ ଗୁରୁ ନିଜର ଶିକ୍ଷାସେବା ପ୍ରଦାନ କରିବେ । ଏତଦ୍ ବ୍ୟତୀତ ଚଳିତ ବର୍ଷ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ୯ଜଣ ଶିକ୍ଷକ / ଶିକ୍ଷୟତ୍ରୀ ଙ୍କୁ ନେଇ ୯ଟି ନୂତନ ନିତ୍ୟ ଶିକ୍ଷାଦାନ କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରାଯିବ ।





୨. **ଗୁଣାତ୍ମକ ବିକାଶ :-** କାର୍ଯ୍ୟକ୍ରମଗୁଡ଼ିକର ଗୁଣାତ୍ମକ ବିକାଶକୁ ସୁନିଶ୍ଚିତ କରିବାପାଇଁ ଚଳିତ ବର୍ଷ ନୂତନ ଭାବେ ୫ଟି ବାଳବିକାଶ ଲାଇବ୍ରେରୀ, ୩ଟି ବିଦ୍ୟାଳୟ ବାଳବିକାଶ ଲାଇବ୍ରେରୀ ଓ ୧ଟି ବିଦ୍ୟାଜ୍ୟୋତି ବାଳବିକାଶ ଲାଇବ୍ରେରୀ ଉନ୍ମୋଚିତ ହେବ । ଏଥି ସହିତ ୭ଟି ଟିଚିଙ୍ଗ ଏଡ୍ ବ୍ୟାଙ୍କ (୩ଟି ବାଳବିକାଶ, ୨ଟି ବିଦ୍ୟାଳୟ ବାଳବିକାଶ ଓ ୨ଟି ବିଦ୍ୟାଜ୍ୟୋତି ବାଳବିକାଶ) ମଧ୍ୟ ଉନ୍ମୋଚନ କରାଯିବ । ଗୋଟିଏ ବାଳବିକାଶ କେନ୍ଦ୍ର ତଥା ଗୋଟିଏ ବିଦ୍ୟାଳୟ ବାଳବିକାଶ କେନ୍ଦ୍ରରେ ବାଳବିକାଶ ଡିଜିଟାଲ ଆର୍କାଇଭକୁ ସମୃଦ୍ଧ କରାଯିବା ସହ ଏହାର ପରିଚାଳନା କରାଯିବ । ପ୍ରାକ୍-ସେବାଦଳର ଗୁଣାତ୍ମକ ବିକାଶ ପାଇଁ ଚଳିତ ବର୍ଷ ଏକ ପ୍ରାକ୍-ସେବା ଦଳ ହସ୍ତପୁସ୍ତିକା ପ୍ରକାଶିତ ହେବ ଏବଂ ବାଳବିକାଶର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଏକ ସୂତ୍ରରେ ବାନ୍ଧିରଖିବାର ପ୍ରୟାସ ସ୍ୱରୂପ ପ୍ରତିବର୍ଷ ଗୁରୁ ପୂର୍ଣ୍ଣିମା ଓ ଭଗବାନଙ୍କ ଜନ୍ମୋତ୍ସବ ଅବସରରେ ଏକ ଇ-ମାଗାଜିନ ପ୍ରକାଶନ କରାଯିବ ।

୩. **ପ୍ରଶିକ୍ଷଣ ଓ କର୍ମଶାଳା : -** ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକରେ ସଂପୃକ୍ତ ଭାଇଭଉଣୀମାନଙ୍କର ସକ୍ଷମତା ବହୁଭାବରେ ପ୍ରଶିକ୍ଷଣ ଉପରେ ନିର୍ଭରଶୀଳ । ତେଣୁ ଚଳିତ ବର୍ଷ ଶିକ୍ଷା ବିଭାଗ ତରଫରୁ ବିଭିନ୍ନ କ୍ଷେତ୍ରରେ ୯ଟି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏଥିମଧ୍ୟରେ ପ୍ରଥମ ତ୍ରି-ମାସରେ ୨ଟି ଅନଲାଇନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ-ପ୍ରଥମଟି ସମିତି ଓ ଭଜନ ମଣ୍ଡଳୀ ଅବାହକମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ (ବାଳବିକାଶ, ବିଦ୍ୟାଜ୍ୟୋତି, ବିଦ୍ୟାବାହିନୀ ଓ ନିତ୍ୟ ଶିକ୍ଷାଦାନ) ଏବଂ ଦ୍ୱିତୀୟଟି ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ୧୭ପର୍ଯ୍ୟାୟ ବିଶିଷ୍ଟ ବିଦ୍ୟାବାହିନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ । ଦ୍ୱିତୀୟ ତ୍ରି-ମାସରେ ସର୍ବାଧିକ ୫ଟି କର୍ମଶାଳା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି-ଗୁରୁମାନଙ୍କ ପାଇଁ ଟିଚିଙ୍ଗ୍ ଏଡ୍ ଓ ଦିଗଦର୍ଶନ ଅଭିଭାବକତ୍ୱ କର୍ମଶାଳା, ସାଇ ବିଦ୍ୟାଳୟ ଓ ବିଦ୍ୟାଜ୍ୟୋତି ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ସପ୍ତଦିବସୀୟ ଇ.ଏଚ.ଭି. ସାର୍ଟିଫିକେଟ କୋର୍ସ, ବାଳବିକାଶ ଗୁରୁ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କିଲ ଗ୍ରୁମିଙ୍ଗ କ୍ୟାମ୍ପ ଏବଂ ସାଇ ବିଦ୍ୟାଳୟ ଓ ବିଦ୍ୟାଜ୍ୟୋତି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଆବାସିକ ଗ୍ରୀଷ୍ମ ଶିକ୍ଷା

ଶିବିର । ତୃତୀୟ ତ୍ରି -ମାସରେ ଭକ୍ତ, ଯୁବକ ଓ ଅଭିଭାବକମାନଙ୍କ ପାଇଁ ବାଳବିକାଶ ତଥା ନିତ୍ୟ ଶିକ୍ଷାଦାନ ପ୍ରବର୍ତ୍ତନା କାର୍ଯ୍ୟକ୍ରମ ଏବଂ ଚତୁର୍ଥ ତ୍ରି-ମାସରେ ଜନଜାତୀୟ ବାଳବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏତଦ୍‌ବ୍ୟତୀତ ତୃତୀୟ ତ୍ରି-ମାସରେ ଟିଚିଙ୍ଗ ଏଡ୍ ଓ ଅଭିଭାବକତ୍ୱ ଉପରେ ଆଧାରିତ ୫ଟି ମଣ୍ଡଳ ସ୍ତରୀୟ କର୍ମଶାଳା ମଧ୍ୟ ଆୟୋଜିତ ହେବ । ପୂର୍ବ ବର୍ଷମାନଙ୍କପରି ଏ ବର୍ଷ ମଧ ଜିଲ୍ଲା ତଥା ସମିତି ସ୍ତରରେ ଅଭିଭାବକ ସମାବେଶ, ଅଭିଭାବକତ୍ୱ ପ୍ରଶିକ୍ଷଣ, ଅଭିଭାବକମାନଙ୍କର ପାଠଚକ୍ର ଆଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଅଭିଭାବକମାନଙ୍କର ତ୍ରୈମାସିକ ପାଠଚକ୍ର ରାଜ୍ୟ ସଂଗଠନ ଦ୍ୱାରା ସ୍ଥିରୀକୃତ ନିମ୍ନ ବିଷୟବସ୍ତୁ ଉପରେ ପରିଚାଳନା କରାଯିବ **(୧)** ଶିଶୁର ସର୍ବାଙ୍ଗୀନ ଅଭିବୃଦ୍ଧି ପାଇଁ ପରିବାରରେ ଆଧ୍ୟାତ୍ମିକ ପରିବେଶର ଆବଶ୍ୟକତା **(୨)** ପିତୃ ମାତୃତ୍ୱ ଭଗବାନଙ୍କର ଏକ ଅନନ୍ୟ ଉପହାର **(୩)** ପିତାମାତା ଶିଶୁର ମାଲିକ ନୁହନ୍ତି, ତତ୍ତ୍ୱାବଧାରକ **(୪)** ଆଧୁନିକ ପ୍ରଯୁକ୍ତିବିଦ୍ୟା ଏକ ଆଶୀର୍ବାଦ ବା ଅଭିଶାପ ।

୪. **ଉତ୍ସବ ଓ ପର୍ବପର୍ବାଣୀ :-** ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଆରାଧନା ମହୋତ୍ସବ ଏପ୍ରିଲ ୧ରୁ ଏପ୍ରିଲ ୩୦ ଏବଂ ପରିବାର ସଂପୃକ୍ତି ସପ୍ତାହ ମେ ୧ରୁ ମେ ୭ମଧ୍ୟରେ ଆୟୋଜିତ ହେବ । ଶ୍ରୀ ସତ୍ୟସାଇ ବିଦ୍ୟାଳୟ ଓ ବିଦ୍ୟାଜ୍ୟୋତି ବିଦ୍ୟାଳୟମାନଙ୍କରେ ବାଳବିକାଶ ଦିବସ ଅକ୍ଟୋବର ୧ରେ ପାଳନ କରାଯିବ । ସମଗ୍ର ରାଜ୍ୟରେ ବାଳବିକାଶ ଆନ୍ଦୋଳନ ସଂପର୍କିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲା ବିଶେଷ କରି ଜିଲ୍ଲାର ମୁଖ୍ୟ ସହରରେ ଓ୍ୱାକ୍ ଫର ଭାଲ୍ୟୁଜ ଅକ୍ଟୋବର ୨୦ରେ ପାଳନ କରାଯିବ । ପ୍ରାକ୍ତନ ବାଳବିକାଶ ଛାତ୍ରଛାତ୍ରୀମାନଙ୍କର ସମାବେଶ ଅନଲାଇନ ମାଧ୍ୟମରେ ଅକ୍ଟୋବର ମାସରେ ଆୟୋଜିତ ହେବ । ଆନନ୍ଦ ମହୋତ୍ସବ ଏବଂ ପ୍ରାକ୍-ସେବାଦଳ ଦୀକ୍ଷାନ୍ତ ସାମାବେଶ ଡିସେମ୍ବର ମାସରେ ଆୟୋଜନ କରାଯିବ । ଜିଲ୍ଲାସ୍ତରୀୟ ଆନନ୍ଦ ମହୋତ୍ସବ, ଈଶ୍ୱରାମ୍ମା ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଭା ଅନ୍ୱେଷଣ ଓ ଅନ୍ୟାନ୍ୟ ନିୟମିତ ପର୍ବପର୍ବାଣୀମାନ ପୂର୍ବପରି ଏ ବର୍ଷ ମଧ ପାଳନ କରାଯିବ । ପର୍ତ୍ତିଯାତ୍ରାରେ ବାଳବିକାଶ ଛାତ୍ରଛାତ୍ରୀ, ଗୁରୁ ଓ ଅଭିଭାବକମାନଙ୍କର ଅଧିକ ସଂଖ୍ୟାରେ ଯୋଗଦାନକୁ ସୁନିଶ୍ଚିତ କରାଯିବ ।





୫. **ବାଳବିକାଶ ସେବା :-** ଶ୍ରୀ ସତ୍ୟସାଇ ବିଦ୍ୟାଳୟ, ବିଦ୍ୟାଜ୍ୟୋତି ବିଦ୍ୟାଳୟ ଓ ବାଳବିକାଶ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅକ୍ଟୋବର ୧ରୁ ଅକ୍ଟୋବର ୨୦ମଧ୍ୟରେ ସେବା ମହୋତ୍ସବର ଆୟୋଜନ କରାଯିବ । ଏହି ସମୟ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା, ବୃକ୍ଷରୋପଣ, ନାରାୟଣ ସେବା, ଗ୍ରାମଦର୍ଶନ ଆଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଚଳିତ ବର୍ଷ ଜୁଲାଇ ରୁ ସେପ୍ଟେମ୍ବର ମଧ୍ୟରେ ୭ଟି ବିଦ୍ୟାଜ୍ୟୋତି ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରାଯାଇ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟପତ୍ର ବିତରଣ କରାଯିବ । ଗ୍ରୀଷ୍ମ ଅବକାଶ ସମୟରେ ବାଳବିକାଶ ଛାତ୍ରଛାତ୍ରୀମାନଙ୍କର କଣ୍ଠ ସଂଗୀତ ଓ ବାଦ୍ୟଯନ୍ତ୍ର ଅଡିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ ନେଇ ବେଦଗ୍ରୁପ୍ ଗଠନ କରାଯିବ ।

୬. **ମାନବିକ ମୂଲ୍ୟବୋଧ ଶିକ୍ଷା : -** ବିଦ୍ୟାଳୟ ଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟ ସଂଗଠନ ଦ୍ୱାରା ମନୋନୀତ ଏକ ରାଜ୍ୟସ୍ତରୀୟ ଟିମ୍ ୨୦୨୧ ସାଇ ବର୍ଷରେ ଅନ୍ୟୁନ ୭ଟି ଶ୍ରୀ ସତ୍ୟସାଇ ବିଦ୍ୟାଳୟ (ଏରକଣା, ଯଦୁପୁର, କେନ୍ଦ୍ରାପଡ଼ା, ଆଳି, ରାଉରକେଲା, ଛତ୍ରପୁର, ପାରଳାଖେମୁଣ୍ଡି) ପରିଦର୍ଶନ କରିବେ । ଶ୍ରୀ ସତ୍ୟସାଇ ବିଦ୍ୟାଳୟମାନଙ୍କରେ ମାସିକ ତଥା ବିଦ୍ୟାଜ୍ୟୋତି ବିଦ୍ୟାଳୟମାନଙ୍କରେ ତ୍ରୈମାସିକ ପାଠଚକ୍ର ରାଜ୍ୟ ସଂଗଠନ ଦ୍ୱାରା ସ୍ଥିରୀକୃତ ନିମ୍ନଲିଖିତ ବିଷୟବସ୍ତୁ ଉପରେ ପରିଚାଳନା କରାଯିବ-ସାଇଶିକ୍ଷାର ମର୍ମ,ଇ.ଏଚ୍.ଭି. ହିଁ ୩ଏଚ୍.ଭି., ଶିକ୍ଷାର ଲକ୍ଷ୍ୟ ଚରିତ୍ର ଗଠନ, ଆଦର୍ଶ ଶିକ୍ଷକ, ପର୍ବପର୍ବାଣୀର ଗୁରୁତ୍ୱ, ସତ୍ୟଂ ବଦ ଧର୍ମଂ ଚର, ମନୁଷ୍ୟ ହିଁ ମନୁଷ୍ୟଜାତିର ଯଥାର୍ଥ ଅଧ୍ୟୟନ, ବୀଜଂ ମାମ୍ ସର୍ବଭୂତାନାମ୍, ସର୍ବଧର୍ମ ଐକ୍ୟ । ପ୍ରତ୍ୟେକ ସତ୍ୟସାଇ ବିଦ୍ୟାଳୟରେ ଷଡମାସିକ ସାଧନା ଶିବିର ଓ ଅନ୍ୟୁନ ୫ଟି ସତ୍ୟସାଇ ବିଦ୍ୟାଳୟରେ (ଭୁବନେଶ୍ୱର, କଟକ, ବାଲେଶ୍ୱର, ବାରିପଦା, ଭାବନୀପାଟଣା) ସେମିନାର ଓ ପ୍ରଦର୍ଶନୀ ଆୟୋଜନ କରାଯିବ ।

୭. **ଶ୍ରୀ ସତ୍ୟସାଇ ବିଦ୍ୟାବାହିନୀ :-** ଚଳିତ ବର୍ଷ ଓଡିଶାର ୮ଟି ସତ୍ୟସାଇ ବିଦ୍ୟାଳୟ (କଟକ, ବାରିପଦା, ବାଲେଶ୍ୱର, ଭବାନୀପାଟଣା,

ଭଞ୍ଜନଗର, ବ୍ରହ୍ମପୁର, ପଙ୍କପାଳ ଓ ଭଦ୍ରକ)ରେ ବିଦ୍ୟାବାହିନୀ କାର୍ଯ୍ୟକ୍ରମ ନିମନ୍ତେ ଧ୍ୟାନ କେନ୍ଦ୍ରିତ କରାଯିବ । ମାର୍ଚ୍ଚ ୧୫ସୁଦ୍ଧା ଏହିସବୁ ବିଦ୍ୟାଳୟରେ ଡେପ୍ଲୟମେଣ୍ଟ ଆପ୍ ସହ ୩ଟି ଲେଖାଏଁ କମ୍ପୁଟର ସିଷ୍ଟମ ଉପଲବ୍ଧ କରାଯିବ । ମାର୍ଚ୍ଚ ୩୧ସୁଦ୍ଧା ବିଦ୍ୟା ବାହିନୀର ୩ଟି ଆସେଟ୍(ମେନସ୍କ୍ରିପ୍ଟ, ଭାଲ୍ୟୁ କଣ୍ଟେଣ୍ଟ ଓ ଆସେସମେଣ୍ଟ) ପାଇଁ ଶିକ୍ଷକମାନଙ୍କ ଦ୍ୱାରା ସି.ସି.ଡି.ପି.(କ୍ଲାସରୁମ କଣ୍ଟେଣ୍ଟ ଡେଲିଭରି ପ୍ଲାନର)ର ବ୍ୟବହାରକୁ ସହଜସାଧ୍ୟ କରାଯିବ । ଅକ୍ଟୋବର ୩୧ସୁଦ୍ଧା ଏହି ୩ଟି ଆସେଟକୁ ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ (୧୦୦%) ଶିକ୍ଷକ ସଂପୂର୍ଣ୍ଣ (୧୦୦%) ଭାବେ ବ୍ୟବହାର କରୁଥିବେ । ସମୀପ ଓ ସ୍ପନ୍ଦନ ଉପରେ ପର୍ଯ୍ୟବେଶିତ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ପରେ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକମାନେ ଚଳିତ ବର୍ଷ ଜୁଲାଇ ଠାରୁ ଏହା ଉପରେ ଶ୍ରେଣୀ ପରିଚାଳନା କରିବେ । ଡିସେମ୍ବର ଶେଷ ସୁଦ୍ଧା ଏହି ସବୁ ବିଦ୍ୟାଳୟର ଅନ୍ୟୁନ ୭୫% ଶିକ୍ଷକ ପି.ୱାଇ.ଏଫ୍(ଫୋନ ୟୋର ଫ୍ରେଣ୍ଡ) ପ୍ରଶିକ୍ଷଣ ନେଇ ସାରିଥିବେ । ଆଇ.ଆଇ.ଇ.ପି ବୁଲେଟିନ ବୋର୍ଡ ଉପରେ ପର୍ଯ୍ୟବେଶିତ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ପରେ ପ୍ରତ୍ୟେକ ବିଦ୍ୟାଳୟରେ ଏହାର ପ୍ରୟୋଗ ଜୁନ ମାସଠାରୁ ଆରମ୍ଭହେବ । ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏନ୍.ସି.ଇ.ଆର୍.ଟି.ର ଦୀକ୍ଷା ପ୍ଲାଟଫର୍ମରେ ଶ୍ରୀ ସତ୍ୟସାଇ ବିଦ୍ୟାବାହିନୀର ଉପଲବ୍ଧତା ସମ୍ବନ୍ଧରେ ଆମ ବିଦ୍ୟାଳୟର ଶିକ୍ଷକମାନେ ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷମାନଙ୍କୁ ଅବଗତ କରାଇବେ, ଯଦ୍ଦ୍ୱାରା ଏହାର ଗୁରୁତ୍ୱ ଉପଲବ୍ଧି କରାଯାଇପାରିବ । ଦୀକ୍ଷା ପ୍ଲାଟଫର୍ମରେ ଉପଲବ୍ଧ ବିଷୟବସ୍ତୁକୁ ବ୍ୟବହାର କରିବାପାଇଁ ଜାନୁଆରୀଠାରୁ ଅନ୍ୟାନ୍ୟ ବିଦ୍ୟାବାହିନୀ ବିଦ୍ୟାଳୟମାନଙ୍କ ସହ ଯୋଗାଯୋଗ ସ୍ଥାପନ କରାଯିବ । ବ୍ୟବହାର ସମ୍ବନ୍ଧୀୟ ମତାମତ ସଂଗ୍ରହକରି ଉକ୍ତ ବିଦ୍ୟାଳୟମାନଙ୍କରେ ଫେବୃଆରୀ / ମାର୍ଚ୍ଚ ୨୦୨୧ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଏ ସମସ୍ତ ବିଦ୍ୟାଳୟମାନଙ୍କ ସମ୍ବନ୍ଧରେ ବିଦ୍ୟାବାହିନୀ କେନ୍ଦ୍ରିୟ ଟିମ୍ ସହ ଆଲୋଚନା କରାଯାଇ ଏଗୁଡ଼ିକୁ ଅଧିକ ସମୃଦ୍ଧ କରିବାପାଇଁ ମେ ୨୦୨୧ ପରଠାରୁ ପଦକ୍ଷେପ ଗ୍ରହଣ କରାଯିବ ।





# ମହିଳା ବିଭାଗ

ଶ୍ରୀ ସତ୍ୟସାଇ ସଂଗଠନର ତିନୋଟି ମୁଖ୍ୟ ବିଭାଗ ସହ ସଂପୃକ୍ତ ମହିଳା ବିଭାଗ କର୍ମ, ଭକ୍ତି ଓ ଜ୍ଞାନର ତ୍ରିବେଣୀ ସଂଗମ। ଶୃଙ୍ଖଳା ତଥା ନିୟମକୁ ଆଧାର କରି ମହିଳା ବିଭାଗ ତରଫରୁ ଚଳିତ ବର୍ଷ ନିମ୍ନଲିଖିତ କାର୍ଯ୍ୟକ୍ରମ ନିର୍ବାହ କରିବାକୁ ସ୍ଥିର କରାଯାଇଛି।

୧. ସମସ୍ତ ଭଉଣୀମାନେ ବ୍ୟକ୍ତିଗତ, ପାରିବାରିକ ଓ ଗୋଷ୍ଠୀଗତ ସାଧନାରେ ନିୟୋଜିତ ରହିବେ। ବ୍ୟକ୍ତିଗତ ସାଧନା ପାଇଁ ଓଁକାରମ୍, ସୁପ୍ରଭାତମ୍, ଅଷ୍ଟୋତ୍ତର ନାମ ପଠନ, ବେଦପାଠ, ଲିଖିଥ ଜପ, ଆଧ୍ୟାତ୍ମିକ ଦିନଲିପି ଓ ଆତ୍ମସମୀକ୍ଷା ଉପରେ ଗୁରୁତ୍ୱ ଦେବେ। ପାରିବାରିକ ସ୍ତରରେ ସାମୂହିକ ଭଜନ ଓ ଭଜନ ପରେ ଦିବ୍ୟବାଣୀ ପଠନ ସହ ବିଶ୍ଳେଷଣ କରିବେ ଓ ଗୃହରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ଯତ୍ନଶୀଳା ହେବେ ଏବଂ ସନ୍ଧ୍ୟାରେ ଚଉରାମୂଳେ ଦୀପ ପ୍ରଦାନ କରି ମନ୍ତ୍ରପାଠ କରିବେ।

୨. ବିଶ୍ୱକୁ କରୋନାମୁକ୍ତ କରିବା ପାଇଁ ତଥା ବିଶ୍ୱର ମଙ୍ଗଳ ପାଇଁ ପ୍ରତ୍ୟେହ "ମହାମୃତ୍ୟୁଞ୍ଜୟ ମନ୍ତ୍ର" ଏବଂ "ସମସ୍ତ ଲୋକାଃ ସୁଖୀନୋ ଭବନ୍ତୁ" ପାଠ କରିବେ।

୩. ବାଳବିକାଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ଯଥା ଗୁରୁ ହେବା, ଗୁରୁ ତାଲିମ ନେବା, ବେଦ ଶିକ୍ଷା କରିବା, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ଦକ୍ଷତା ଓ ରୁଚି ଅନୁସାରେ ସଂପୃକ୍ତ ରହିବେ।

୪. "ସର୍ବେ ସନ୍ତୁ ନିରାମୟାଃ" ଏବଂ "ସାଇ ପ୍ରେମଧାରା" କାର୍ଯ୍ୟକ୍ରମରେ ଗୃହିଣୀମାନଙ୍କର ପ୍ରମୁଖ ଭୂମିକା ରହିବ।

୫. ପ୍ରତି ମାସ ୧୯ତାରିଖରେ "ଶକ୍ତି ସ୍ୱରୂପିଣୀ ଦିବସ" ସାରା ରାଜ୍ୟରେ ସମାନ ଭାବେ ପାଳନ କରାଯିବ। ପ୍ରାତଃ କାଳନରେ ଓଁକାରମ୍, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ ସହ ମଧ୍ୟାହ୍ନରେ ବାଳାଶ୍ରମ/ଜରାଶ୍ରମ/ଶ୍ରୀ ସତ୍ୟସାଇ ପୋଷ୍ୟ ଗ୍ରାମ/ଡାକ୍ତରଖାନା, ନାରୀବନ୍ଦୀ ନିକେତନ ଇତ୍ୟାଦି ଜାଗାମାନଙ୍କୁ ଯାଉ ସେବା କାର୍ଯ୍ୟରେ ବ୍ରତୀ ହେବେ। ଅପରାହ୍ନରେ ସତସଙ୍ଗ ଅଧିବେଶନ ପାଇଁ ୪ଟି ବିଷୟ ଉପରେ ଆଲୋଚନା ରହିବ।

କ) **ସ୍ମୃତି ଅନୁଭୂତି** (ମୋ ଜୀବନରେ ଶ୍ରୀ ସତ୍ୟସାଇ ସଂଗଠନ)

ଖ) **ସାଇକୃପା ଛତ୍ରତଳେ କୃପା ସାତ ଜୀବନ :-** କରଣମ୍ ସୁବାମ୍ମା, ପେଦ୍ଦାବଟୁ ସାକାମ୍ମା, ଅଞ୍ଜଳି ଦେବୀ, ଡା. ରାଜେଶ୍ୱରୀ, ସରଳା ଶାହା, ଏମ୍.ଏସ୍. ଶୁଭଲକ୍ଷ୍ମୀ, ପ୍ରେମ ବହଲ୍, ଗୀତା ମୋହନ ରାମ ଏବଂ ଓଡିଶାର ମହିୟସୀ ମହିଳା (ପାର୍ବତୀ ଗିରି, ସାରଳା ଦେବୀ, ମାଳତୀ ଚୌଧୁରୀ, ଅନ୍ନପୂର୍ଣ୍ଣା ମହାରଣା ଇତ୍ୟାଦି।

ଗ) **ପ୍ରତ୍ୟେକ ମାସରେ ପଡୁଥିବା ପର୍ବର ତାତ୍ପର୍ଯ୍ୟ ଉପରେ ଆଲୋଚନା**

ଘ) **ସାମୂହିକ ଆଲୋଚନା:-**

ଗୃହ ଏକ ମନ୍ଦିର, ନାରୀ ନାରାୟଣୀ, ଆମ ଉପସ୍ଥିତି ଆମ ପରିଚୟ, ପ୍ରେମ ଓ ସେବା ନାରୀତ୍ୱର ପରିଚୟ, ସେବା ହିଁ ନାରୀର କଙ୍କଣ, ହାତରେ କାମ - ମୁହଁରେ ନାମ, ପଂଚଯଜ୍ଞ, ମହିଳା ବିଭାଗ ସେବା ଓ ସାଧନାର ଆଧ୍ୟାତ୍ମିକ କେନ୍ଦ୍ର, ଆଧ୍ୟାତ୍ମିକତା ହିଁ ନାରୀର ପ୍ରକୃତ ଶକ୍ତି, ସମ୍ପ୍ରସାରଣ ହିଁ ଜୀବନ, ଘରକୁ ସଜାଡ ଓ ସମାଜକୁ ଗଢ, ଆହାର - ଶରୀର, ମନ ଓ ଆତ୍ମା ପାଇଁ, ପଂଚକନ୍ୟା ସ୍ମରନିତ୍ୟମ୍ ଇତ୍ୟାଦି।

୬. ପ୍ରତ୍ୟେକ ଭଜନ କେନ୍ଦ୍ରରେ ମାସିକ ବା ପାକ୍ଷିକ ବା ସାପ୍ତାହିକ ମହିଳା ଭଜନ କରିବାକୁ ଭଉଣୀମାନେ ପ୍ରୟାସ କରିବେ। ଭଜନ ପରେ ଭଗବାନଙ୍କ ବାଣୀ ଉପରେ ଆଧାରିତ ପୁସ୍ତକ ସତ୍ୟଂ ଶିବଂ ସୁନ୍ଦରମ୍ର ପଠନ କରାଯିବ। ଗୋଟିଏ ଭାଗକୁ ଗୋଟିଏ ବର୍ଷ ପାଇଁ ପଠନ କରାଯିବ।

୭. ସାଇ ସାହିତ୍ୟର ଅଧ୍ୟୟନକୁ ଅଭ୍ୟାସରେ ପରିଣତ କରିବାକୁ ଭଗବାନଙ୍କର "ଦିବ୍ୟ ସମ୍ଭାଷଣ" ଭାଗ ୧,୨,୩ କୁ ୨୦୨୧ ମସିହା ପାଇଁ ଭାଗ ୪,୫,୬କୁ ୨୦୨୨ ପାଇଁ ଏହିପରି ୨୦୨୫ ମସିହା ପର୍ଯ୍ୟନ୍ତ ପଠନ ପାଇଁ ପ୍ରୟାସ ଜାରି ରହିବ।

୮. ଏହା ଛଡା ମହିଳାମାନଙ୍କ ଦ୍ୱାରା ସାଇ ବରଲକ୍ଷ୍ମୀ ପୂଜା, ସାଇ ବ୍ରତକଳ୍ପ ପୂଜା, ଦଶହରା ସମୟରେ ଲଳିତା ସହସ୍ର ପୂଜା, ସାମୂହିକ ସାବିତ୍ରୀ ପୂଜା ଓ ତପୋବନ ପାରାୟଣ ଇତ୍ୟାଦି ପାଳନ କରାଯିବ।

୯. ସାହିତ୍ୟ, ସଂସ୍କୃତି, ସେବା ଓ ସଦଭାବନାର ଅନନ୍ୟ ମଂଚ ହେଉଛି "ସାଇ





ସନାତନୀ ମଂଚ", ଓଡିଶାର ଐତିହ୍ୟ ଓ ସଂସ୍କୃତିର ପୁନରୁତ୍ଥାନ ପାଇଁ ଓଡିଶାର ବିଭିନ୍ନ ପ୍ରାନ୍ତରେ ବିଷୁବ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ନୂଆଖାଇ ଓ ରଜ ଉତ୍ସବ ପାଳିତ ହେବ। ଏହି ମଂଚ ତରଫରୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଦିଆଯିବ। ବର୍ତ୍ତମାନ ସୁଦ୍ଧା ୨ଜଣ ପିଲାଙ୍କୁ ବିଦ୍ୟାଳୟ ଶିକ୍ଷା ପାଇଁ ଖର୍ଚ୍ଚ ବହନ କରାଯାଇଛି। ୨୦୨୧ରେ ୪ଜଣ, ୨୦୨୨ରେ ୪ଜଣ, ୨୦୨୩ରେ ୬ଜଣ, ୨୦୨୪ରେ ୮ଜଣ ଓ ୨୦୨୫ରେ ୧୦ଜଣଙ୍କ ଦାୟିତ୍ୱ ବହନ କରିବାକୁ ଯୋଜନା କରାଯାଇଛି। ସେହିଭଳି ଆର୍ଥିକ ସ୍ତରରେ ଦୁର୍ବଳ ମହିଳା ରୋଗୀମାନଙ୍କର ଔଷଧ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇବା ପାଇଁ ୨୦୨୧ ଓ ୨୦୨୨ରେ ୩ଜଣ, ୨୦୨୩ ଓ ୨୦୨୪ରେ ୪ଜଣ ଏବଂ ୨୦୨୫ରେ ୫ଜଣଙ୍କୁ ସହାୟତା ଯୋଗାଇବାର ଯୋଜନା ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀୟ କନ୍ୟାମାନଙ୍କର ବିବାହ ଉଦ୍ଦେଶ୍ୟରେ ଆର୍ଥିକ ସହାୟତା କରାଯିବ। ୨୦୨୧ ଓ ୨୦୨୨ରେ ୩ଜଣ, ୨୦୨୩ ୨୦୨୪ରେ ୪ଜଣ ଏବଂ ୨୦୨୫ରେ ୭ଜଣଙ୍କୁ ସହାୟତା ପ୍ରଦାନ କରାଯିବ।

୧୦. ସଂଗଠନ ତରଫରୁ ଆଲୋଚିତ ପର୍ତ୍ତିଯାତ୍ରାରେ ବହୁସଂଖ୍ୟକ ମହିଳାଙ୍କ ସହିତ ଜନଜାତିର ମହିଳାଙ୍କୁ ସାମିଲ କରାଯିବ। ୨୦୨୫ ସୁଦ୍ଧା ଏହି ସଂଖ୍ୟାକୁ ୩୦୦ରେ ପହଂଚାଇବାକୁ ଯୋଜନା କରାଯାଇଛି।

୧୧. କୋଭିଡ୍ ମହାମାରୀ ଯୋଗୁଁ ୨୦୨୦ର ସନାତନୀ ପ୍ରତିକା ପ୍ରକାଶିତ ହୋଇପାରି ନାହିଁ। ଚଳିତ ବର୍ଷ ପ୍ରକାଶନ ପାଇଁ ଚେଷ୍ଟା ଜାରି ରହିବ।

୧୨. ସଂଗଠନର ବୟୋଜ୍ୟେଷ୍ଠା ମହିଳା ଓ ବିଭିନ୍ନ ଜିଲ୍ଲାର ମହିୟସୀ ମହିଳାଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ପ୍ରକାଶନ ପାଇଁ ପ୍ରୟାସ କରାଯିବ ଏବଂ ଦକ୍ଷ, ତ୍ୟାଗପୂତ ମହିଳାମାନଙ୍କୁ ରାଜ୍ୟ ମହିଳା ସମାବେଶରେ ସମ୍ମାନିତ କରାଯିବାର ଯୋଜନା କରାଯାଇଅଛି।

୧୩. ୨୦୨୧ ମସିହାରେ ରାଜ୍ୟ ମହିଳା ସମାବେଶ ଅନୁଷ୍ଠିତ କରିବାକୁ ଯୋଜନା ରଖାଯାଇଛି। ଏ ସମ୍ବନ୍ଧରେ ସ୍ଥାନ, ମାସ ଓ ତାରିଖ ସ୍ଥିର ହେବା ପରେ ଭଉଣୀମାନଙ୍କୁ ଜଣାଇ ଦିଆଯିବ।

# ଯୁବ ବିଭାଗ

## ୧. ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି:-

ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି କାର୍ଯ୍ୟକ୍ରମ ଶ୍ରୀ ସତ୍ୟସାଇ ସେବା ସଂଗଠନ ଯୁବ ବିଭାଗର ଏକ ରାଷ୍ଟ୍ରୀୟ ଅଭିଯାନ। ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶାର ୪୫ଟି ବିଦ୍ୟାଜ୍ୟୋତି ବିଦ୍ୟାଳୟ ରହିଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଆମେ ଚୟନ ପ୍ରକ୍ରିୟାରେ ସାମାନ୍ୟ ପରିବର୍ତ୍ତନ ଆଣିଥିଲେ। ବିଦ୍ୟାଳୟ ଚୟନ ପ୍ରକ୍ରିୟାର ସର୍ବପ୍ରଥମ ଦିଗଟି ହେଉଛି, ବିଦ୍ୟାଳୟଟି ଏକ ଅବହେଳିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ହୋଇଥିବ। ଏହି କ୍ଷେତ୍ରରେ ଆମେ ଏହି ବର୍ଷ ଯତ୍‌ପରେ‌ଂନାସ୍ତି ଆମର ପ୍ରଚେଷ୍ଟା ଜାରି ରଖିବା।

- ଆସନ୍ତା ଫେବ୍ରୁଆରୀ ମାସ ଶେଷ ସୁଦ୍ଧା ଆମର ୪୫ଟି ବଦ୍ୟାଳୟକୁ ସୁନିଶ୍ଚିତ କରିବା ଏବଂ ବିଦ୍ୟାଳୟ ଚୟନ ପରେ ରାଜ୍ୟ ସଂଗଠନ ତରଫରୁ ପ୍ରଦାନ କରାଯାଇଥିବା ସର୍ଭେ ଫର୍ମାଟ ପୂରଣ କରି ରାଜ୍ୟକୁ ତାହା ପ୍ରେରଣ କରିବା।
- ଏହି ବର୍ଷ ଆମେ ଆମର ୪୫ଟି ବିଦ୍ୟାଳୟକୁ ତିନୋଟି ବିଭାଗରେ ବିଭକ୍ତ କରିବା। ଆମେ ନିୟମିତ ଭାବେ ପରିଦର୍ଶନ କରୁଥିବା ବିଦ୍ୟାଳୟ ଗୁଡିକ "Catagory - A" ବିଭାଗ, ବିଭିନ୍ନ କାର୍ଯ୍ୟକ୍ରମ ସମୟରେ କିଛିଦିନ ଅନ୍ତରାଳରେ ଗସ୍ତ କରୁଥିବା ବିଦ୍ୟାଳୟଗୁଡିକୁ "Catagory - B" ବିଭାଗ ଓ କୌଣସି କାର୍ଯ୍ୟ ଆରମ୍ଭହୋଇନଥିବା ବିଦ୍ୟାଳୟଗୁଡିକୁ "Catagory - C" ବିଭାଗ ଶ୍ରେଣୀଭୁକ୍ତ କରି ରାଜ୍ୟକୁ ତଥ୍ୟ ପ୍ରଦାନ କରିବା।
- ପ୍ରତ୍ୟେକ ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ବିଦ୍ୟାଜ୍ୟୋତି କମିଟି ଗଠନ କରାଯିବ। ଏହି କମିଟିରେ ଜିଲ୍ଲା ସଭାପତି, ଜିଲ୍ଲା ଶିକ୍ଷା ସଂଯୋଜକ, ଜିଲ୍ଲା ଯୁବ ସଂଯୋଜକ ତଥା ଉକ୍ତ ବିଦ୍ୟାଳୟର ନିକଟସ୍ଥ ସମିତି ଆବାହକ ଏବଂ ପ୍ରତି ବିଦ୍ୟାଳୟ ପାଇଁ ଚୟନିତ ୨ଜଣ ଭାଇ କିମ୍ବା ୨ଜଣ ଭଉଣୀ ରହିବେ। ବିଦ୍ୟାଳୟ କମିଟି ଏବଂ ଗ୍ରାମବାସୀମାନଙ୍କ ସହ ସୁସମ୍ପର୍କ ଥିବା ସଂଗଠନର ବରିଷ୍ଠ ସାଇ ଆଶ୍ରିତ ମାନଙ୍କୁ ଆମେ ଏହି କମିଟିରେ ସ୍ଥାନ ଦେଇପାରିବା।
- ଶ୍ରୀ ସତ୍ୟସାଇ ବିଦ୍ୟାଜ୍ୟୋତି ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମ ସମିତି କୈନ୍ଦ୍ରିକ ହେବ। ସମିତିର ପ୍ରତ୍ୟେକ ବିଭାଗ ବିଦ୍ୟାଜ୍ୟୋତି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରଚେଷ୍ଟା କରିବେ।





- ବିଗତ ବର୍ଷ ସଂକଳ୍ପରେ ଦିଆଯାଇଥିବା ସର୍ବନିମ୍ନ କାର୍ଯ୍ୟକ୍ରମଗୁଡିକୁ ଚଳିତ ବର୍ଷ ମଧ୍ୟ କାର୍ଯ୍ୟକାରୀ କରାଯିବ। ଆମେ ସାଧାରଣତଃ ମୂଲ୍ୟ ରହିତ (No Cost) ଏବଂ ସ୍ୱଳ୍ପ ମୂଲ୍ୟ (Low Cost) କାର୍ଯ୍ୟକ୍ରମଗୁଡିକୁ ହାତକୁ ନେବା।
- ବିଶେଷ କରି ଏହି ବର୍ଷ କୌଣସି ଏକ ବିଦ୍ୟାଳୟ "Catagory - C" ଶ୍ରେଣୀଭୁକ୍ତ ହୋଇ ନ ରହୁ ସେଥିପ୍ରତି ଗୁରୁତ୍ୱର ସହିତ ଦୃଷ୍ଟି ଦେବା। "Catagory - C" ବିଭାଗରେ ଥିବା ବିଦ୍ୟାଳୟକୁ "Catagory - B" ବିଭାଗକୁ ଓ "Catagory - B" ବିଭାଗରେ ଥିବା ବିଦ୍ୟାଳୟକୁ "Catagory - A" ବିଭାଗ ଏବଂ "Catagory - A" ବିଭାଗରେ ଥିବା ବିଦ୍ୟାଳୟ ସଂଲଗ୍ନ ଗ୍ରାମମାନଙ୍କୁ ଶ୍ରୀ ସତ୍ୟସାଇ ପୋଷ୍ୟଗ୍ରାମ କିମ୍ବା ଭଜନମଣ୍ଡଳୀର ରୂପ ଦେବା।
- ବିଦ୍ୟାଜ୍ୟୋତି କାର୍ଯ୍ୟକ୍ରମରେ ସଂଗଠନର ସମସ୍ତ ବିଭାଗଗୁଡିକ ସମ୍ମିଳିତ ହୋଇ କରୁଥିଲେ ମଧ୍ୟ ଏହାର ସମସ୍ତ ଦାୟିତ୍ୱ ଜିଲ୍ଲା ଶିକ୍ଷା ସଂଯୋଜକ ଏବଂ ଜିଲ୍ଲା ଯୁବ ସଂଯୋଜକମାନଙ୍କ ତତ୍ତ୍ୱାବଧାନରେ କରାଯିବ।

## ୨. ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ଯୁବ ପରିଷଦ:-

- ପୂର୍ବ ସ୍ଥିରୀକୃତମତେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଯୁବ ପରିଷଦ ଗଠନ କରାଯିବ।
- ଜିଲ୍ଲା ଯୁବ ପରିଷଦ ଗଠନ ସମୟରେ ଧ୍ୟାନ ଦେବେ ଯେ, ଯେପରି ଜିଲ୍ଲାର ସମସ୍ତ ସମିତିରୁ ପ୍ରତିନିଧିମାନେ ରହିବେ। ଯେଉଁମାନେ ଯେଉଁ ସବୁ କାର୍ଯ୍ୟକ୍ରମରେ ଅଗ୍ରଣୀ ହୋଇ ଯୋଗ ଦେଉଥିବେ ଏବଂ ଆବଶ୍ୟକ ସମୟରେ ଦାୟିତ୍ୱ ନେଇ ପାରିବେ, ସେମାନଙ୍କୁ ଏହି ଯୁବ ପରିଷଦର ସଦସ୍ୟ କରାଯିବ।
- ଯୁବ ଭାଇଭଉଣୀମାନଙ୍କର ତଥ୍ୟ ସଂଗ୍ରହ କରାଯାଇ ଏକ ଯୁବ ପଞ୍ଜିକା ପ୍ରସ୍ତୁତ କରାଯିବ ଏବଂ ଏହାକୁ କ୍ରମାନ୍ୱୟରେ ଅପ୍‌ଡେଟ୍ କରାଯିବ।
- ରାଜ୍ୟ ସଂଗଠନରେ ମଧ୍ୟ ଚଳିତ ବର୍ଷ ରାଜ୍ୟ ଯୁବପରିଷଦର ପୁର୍ନଗଠନ କରାଯିବ ଏବଂ ଏହାର ସବିଶେଷ ବିବରଣୀ ରାଜ୍ୟ ସଭାପତିଙ୍କ ମାଧ୍ୟମରେ ପ୍ରତ୍ୟେକ ଜିଲ୍ଲା ସଭାପତିମାନଙ୍କୁ ପ୍ରେରଣ କରାଯିବ।

## ୩. ନିତ୍ୟ ଶିକ୍ଷାଦାନ:-

ଏହି ପ୍ରକଳ୍ପ ମାଧ୍ୟମରେ ଅନୁନ୍ନତ ଗ୍ରାମୀଣ ଅଂଚଳର ପିଲାମାନଙ୍କୁ ଉନ୍ନତମାନର ଶିକ୍ଷା ଦେବାପାଇଁ ତଥା ସେମାନଙ୍କର ଚାରିତ୍ରିକ, ମାନସିକ, ବୌଧିକ ଏବଂ ଆଧାତ୍ମିକ ଉନ୍ନତି ପାଇଁ ପ୍ରତ୍ୟେହ ୨ଘଣ୍ଟାର ବ୍ୟବସ୍ଥା କରାଯାଏ। ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ ଯୁବ ଭାଇଭଉଣୀମାନଙ୍କ ଦ୍ୱାରା

ଏହା ପରିଚାଳିତ ହେବ। ଅଦ୍ୟାବଧି ୩୧ କେନ୍ଦ୍ରରେ ଏହି ପକଳ୍ପ ଚାଲୁ ରହିଛି। କେତେକ ଜିଲ୍ଲାରେ ଏକାଧିକ କେନ୍ଦ୍ର ଚାଲୁଥିବା ବେଳେ କେତେକ ଜିଲ୍ଲାରେ ନିତ୍ୟ ଶିକ୍ଷାଦାନ କେନ୍ଦ୍ର ନାହିଁ। ଏହି ବର୍ଷ ପ୍ରତ୍ୟେକ ଜିଲ୍ଲାରେ ନିଶ୍ଚିତ ଭାବେ ଗୋଟିଏ କିମ୍ବା ତତୋଧିକ ନିତ୍ୟ ଶିକ୍ଷାଦାନ କେନ୍ଦ୍ର ଆରମ୍ଭ କରିବାର ପ୍ରୟାସ କରାଯିବ । ଭଗବାନଙ୍କ ଜନ୍ମ ଶତବାର୍ଷିକରେ ସମଗ୍ର ରାଜ୍ୟରେ ୧୦୮ଟି ନିତ୍ୟ ଶିକ୍ଷାଦାନ କେନ୍ଦ୍ର ଭଗବାନଙ୍କ ପାଦପଦ୍ମରେ ଅର୍ପଣ କରାଯିବ।

୪. **ପ୍ରଶାନ୍ତି ସେବା:-**

ପ୍ରଶାନ୍ତି ସେବାରେ ଅନ୍ୟୁନ ୪୦% ଯୁବକମାନଙ୍କର ଯୋଗଦାନ ରହିବ। ଏଥି ନିମନ୍ତେ ଯୁବବିଭାଗ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବେ। ପ୍ରତ୍ୟେକ ଜିଲ୍ଲାର ଯୁବ ସଂଯୋଜକ ସମଗ୍ର ଜିଲ୍ଲାର ଯୁବକମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ। ଯେଉଁଥିରେ କିଏ କେଉଁ ସେବାରେ ଅଂଶଗ୍ରହଣ କରିପାରିବେ ତାହାର ସୂଚନା ରହିବ। ଜିଲ୍ଲା ଯୁବ ସଂଯୋଜକ ପ୍ରତ୍ୟେକ ସେବା ସମୟର ଯଥେଷ୍ଟ ସମୟ ପୂର୍ବରୁ ସେମାନଙ୍କ ସହ ଯୋଗାଯୋଗ ସ୍ଥାପନ କରି ସେମାନଙ୍କର ଟିକଟ୍ କଟାଇବାର ବନ୍ଦୋବସ୍ତ କରିବେ। ଏହି ସଚେତନତା ଭଜନମଣ୍ଡଳୀସ୍ତରରୁ ଆରମ୍ଭ କରାଯିବ। ଜିଲ୍ଲା ଯୁବ ସଂଯୋଜକ ଓ ସମିତି ଯୁବ ସଂଯୋଜକମାନେ ବର୍ଷକୁ ଅନ୍ୟୁନ ଥରେ ପ୍ରଶାନ୍ତି ସେବାରେ ଯୋଗଦାନ କରିବେ।

୫. **ଶ୍ରୀ ସତ୍ୟସାଇ ପୁର୍ନବସତି କାର୍ଯ୍ୟକ୍ରମ (SRP):-**

- ଜିଲ୍ଲାର ଯୁବବିଭାଗ ଶ୍ରୀ ସତ୍ୟସାଇ ପୁର୍ନବସତି କାର୍ଯ୍ୟକ୍ରମ (SRP)ର ପରିଚାଳନା କରିବେ।
- ଜିଲ୍ଲା ଯୁବ ସଂଯୋଜକ କିମ୍ବା ଜିଲ୍ଲା (SRP) ଇନ୍‌ଚାର୍ଜ ଏହାର ଦାୟିତ୍ୱ ନେବେ।
- ଏହି ବର୍ଷ ଆମେ ନିଶ୍ଚିତ ଭାବେ ଜିଲ୍ଲାରେ ଥିବା ସମସ୍ତ (SRP) ରୋଗୀମାନଙ୍କ ପାଖରେ ପହଂଚିବା ଏବଂ ନିୟମିତ ଭାବେ ସେମାନଙ୍କ ସହ ସଂଯୋଗ ସ୍ଥାପନ କରିବା।
- ଜିଲ୍ଲାର ସମସ୍ତ ରୋଗୀମାନଙ୍କ ତାଲିକାକୁ ସମିତିସ୍ତରରେ ବିଭାଗୀକରଣ କରି ସମିତି (SRP) ଇନ୍‌ଚାର୍ଜମାନଙ୍କୁ ହସ୍ତାନ୍ତର କରିବା ।





- ଚିକିତ୍ସାଳୟରୁ Dischargର ପରେ ଅର୍ଥାଭାବ ଯୋଗୁ ପରବର୍ତ୍ତି ଚିକିତ୍ସା ପାଇଁ ଅସମର୍ଥ ରୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କର PTINR Test ଓ ଔଷଧର ବ୍ୟବସ୍ଥା କରାଇବା।
- ରୋଗୀମାନଙ୍କର Dischargର ସମୟରେ ଚିକିତ୍ସାଳୟ ଦ୍ୱାରା ପ୍ରଦାନ କରାଇଥିବା ପରାମର୍ଶ ଓ ଦିଗଦର୍ଶନଗୁଡିକ ପାଳନ କ୍ଷେତ୍ରରେ ଆମେ ସହାୟକ ହେବ।

୬. **ସାଇଶ୍ରଦ୍ଧା:-**

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂଗଠନର ବୟସ୍କ ମଉସା/ମାଉସୀ ଯେଉଁମାନେ ବୟସାଧିକ କାରଣରୁ କିମ୍ବା ସ୍ୱାସ୍ଥ୍ୟଜନିତ କାରଣ ଯୋଗୁ ସଂଗଠନର କାର୍ଯ୍ୟକ୍ରମରେ ଯୋଗଦାନ କରିପାରୁନାହାନ୍ତି ତାଙ୍କ ଘରେ ପହଂଚି ଭଜନ ଓ ସତସଙ୍ଗ ମାଧ୍ୟମରେ ତାଙ୍କୁ ଆମର କୃତଜ୍ଞତା ଜ୍ଞାପନ କରିବା। ସଂଗଠନରେ ସେମାନଙ୍କର ଦୀର୍ଘ ଦିନର ସେହି ଅନୁଭବ, ଅନୁଭୂତିକୁ ଶୁଣିବା ଏବଂ ସେଗୁଡିକୁ ସାଇତି ରଖିବା। କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଏବଂ ସ୍ମରଣୀୟ କରିବା ପାଇଁ ସେମାନଙ୍କର ଅତିତର ସାଂଗଠନିକ କାର୍ଯ୍ୟକ୍ରମର କିଛି ଅଭୁଲା ସ୍ମୃତିକୁ ଏକ ଫଟୋ ଆଲବମ୍ ରୂପେ ପ୍ରେମ ଉପହାର ଦେଇପାରିବା। ଏହି ବର୍ଷ ସାଇଶ୍ରଦ୍ଧା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଜିଲ୍ଲାରେ ଆରମ୍ଭ କରାଯିବ ଓ ଯୁବ ଭଉଣୀମାନେ ଏହି ପ୍ରକଳ୍ପରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ।

୭. **ଗ୍ରୀଷ୍ମ ଶିକ୍ଷାଶିବିର :-**

ମଣ୍ଡଳସ୍ତରରେ କିମ୍ବା ଜିଲ୍ଲାସ୍ତରରେ ଯୁବ ଭାଇଭଉଣୀମାନଙ୍କ ପାଇଁ ଗ୍ରୀଷ୍ମ ଶିକ୍ଷାଶିବିରର ଆୟୋଜନ କରାଯିବ। ଏଥିରେ ଜିଲ୍ଲାର ସମସ୍ତ ଯୁବବର୍ଗ ଅଂଶଗ୍ରହଣ କରିବେ। ଏହା ଯଥାସମ୍ଭବ ଆବାସିକ ଭାବେ କରିବାର ପ୍ରୟାସ କରାଯବ ।

ଏହି ବର୍ଷର ଗ୍ରୀଷ୍ମ ଶିକ୍ଷାଶିବିର ଅମୃତଧାରା- ୧ ୯ ୭୩ ଉପରେ ପର୍ଯ୍ୟବେଶିତ ହେବ।

୮. **ବ୍ୟକ୍ତିଗତ ସାଧନା :-**

- ଶୃଙ୍ଖଳା ଏବଂ ବିନମ୍ରତା ପ୍ରତ୍ୟେକ ସାଇ ଯୁବକର ପରିଚୟ ହେବା ଆବଶ୍ୟକ।

- ଯୁବ ଭାଇଭଉଣୀମାନେ ସାଂଗଠନିକ କାର୍ଯ୍ୟକ୍ରମର ସମ୍ପ୍ରସାରଣ ଠାରୁ ନିଜର ରୂପାନ୍ତରଣକୁ ଅଧିକ ଗୁରୁତ୍ୱ ଦେବେ।
- ପ୍ରତ୍ୟେକ ଯୁବପିଢ଼ି ପ୍ରତ୍ୟେହ ଓଁକାରମ୍, ସୁପ୍ରଭାତମ୍ ଏବଂ ଆଧ୍ୟାତ୍ମିକ ଦିନଲିପି ପୂରଣକୁ ଗୁରୁତ୍ୱ ଦେବେ।
- ସ୍ୱାଧ୍ୟାୟ ପାଇଁ ଆମେ ଏହି ବର୍ଷ ଆଉ ତିନୋଟି ବାହିନୀକୁ ଗ୍ରହଣ କରିବା। ଯେପରି ସ୍ୱାମୀଙ୍କ ଜନ୍ମ ଶତବାର୍ଷିକ ବେଳକୁ ଆମେ ୧୫ଟି ବାହିନୀକୁ ସମାପ୍ତ କରିପାରିବା। ସ୍ୱାଧ୍ୟାୟ ଆମ ସମସ୍ତଙ୍କ ବ୍ୟକ୍ତିଗତ ସାଧନାର ପ୍ରମୁଖ ଅଂଶ ହେବ।

## ୯. କାମନାର ସିମାଙ୍କନ :-

ପ୍ରତ୍ୟେକ ଯୁବ ଭାଇ ଓ ଭଉଣୀ ଏହି ସାଧାନରେ ବ୍ରତି ହେବେ। ସେମାନେ ତାଙ୍କର ଦୈନନ୍ଦିନ ଜୀବନରେ କିଛି କିଛି କାମନାକୁ ସିମାଙ୍କନ କରି ତତ୍‌ଜନିତ ଲବ୍ଧ ରାଶିକୁ ଉଙଉ ଇକ୍ସଙ୍ଘ ରେ ସଂଚୟ କରି ରଖିବେ। ଏହାକୁ ଏକ ସେବାସାଧନା ଭାବେ ଗ୍ରହଣ କରିବା ଓ ଏହି ପ୍ରୟାସକୁ ସଂଗଠନର ପ୍ରତ୍ୟେକ ଭାଇଭଉଣୀ ଏବଂ ବାଳବିକାଶ ପିଲାମାନଙ୍କ ପାଖରେ ପହଂଚାଇବା।

## ୧୦. ଯୁବ ପାଠଚକ୍ର, ସାଧନା ଶିବିର ଓ ଯୁବ ଦିବସ ପାଳନ :-

- ପ୍ରତ୍ୟେକ ସମିତିରେ ମାସକୁ ଥରେ ଯୁବଦିବସ ପାଳନ କରାଯିବ। ୧୦ଜଣରୁ ଅଧିକ ଯୁବ ଭାଇଭଉଣୀ ଥିବା ଭଜନମଣ୍ଡଳୀଗୁଡ଼ିକରେ ମଧ୍ୟ ସ୍ୱତନ୍ତ୍ର ଭାବେ ମାସକୁ ଥରେ ଯୁବ ଦିବସ ପାଳନ କରାଯାଇପାରିବ। ଏହି ଦିନ ଓଁକାରମ୍, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, କିଛି ସେବାକାର୍ଯ୍ୟ, ଯୁବ ପାଠଚକ୍ର, ଯୁବ ସାଧନା ଶିବିର ଏବଂ ଯୁବ ଆଲୋଚନା ଚକ୍ର ଆଦି କରାଯାଇପାରେ।
- ପ୍ରତିଟି ସମିତିରେ ଯୁବଦିବସ ପାଳନ ସମୟରେ ଯୁବ ପାଠଚକ୍ର କିମ୍ବା ଯୁବ ସାଧନା ଶିବିରର ଆୟୋଜନ କରାଯିବ। ପୂର୍ବରୁ ପ୍ରଦାନ କରାଯାଇଥିବା ଯୁବ ପାଠଚକ୍ରର ବିଷୟବସ୍ତୁ





କିମ୍ବା ଅମୃତଧାରା ୧୯୭୨ରୁ ଆମେ କିଛି ବିଷୟକୁ ଯୁବ ପାଠଚକ୍ର ପାଇଁ ଚୟନ କରିପାରିବା।

- ପ୍ରତି ୩ମାସରେ ଥରେ ସମିତିସ୍ତରରେ ଏବଂ ପ୍ରତି ୬ମାସରେ ଥରେ ଜିଲ୍ଲାସ୍ତରରେ ସାଧନା ଶିବିର ଅନୁଷ୍ଠିତ ହେବ। ରାଜ୍ୟ ସଂଗଠନ ତରଫରୁ ରାଜ୍ୟସ୍ତରୀୟ ସାପ୍ତାହିକ ଅନ୍‌ଲାଇନ୍ ଯୁବ ପାଠଚକ୍ର କରାଯିବାକୁ ସ୍ଥିରୀକୃତ ହୋଇଛି। ଯାହାକି ପ୍ରତି ରବିବାର ଅପରାହ୍ନ ୩ଟା ରୁ ୪ଟା ମଧ୍ୟରେ ଅନୁଷ୍ଠିତ ହେବ।
- ପ୍ରତି ସପ୍ତାହରେ ପାଠଚକ୍ର ବିଷୟବସ୍ତୁର ଉପସ୍ଥାପନା ପାଇଁ ଜିଲ୍ଲା ଯୁବ ସଂଯୋଜକମାନଙ୍କ ମାଧ୍ୟମରେ ପ୍ରତି ଜିଲ୍ଲାରୁ ନୂତନ ଯୁବ ପ୍ରତିଭାମାନଙ୍କୁ ଚୟନ କରାଯିବ। ଏହି କାର୍ଯ୍ୟକ୍ରମ ୨୦୨୫ ମସିହା ପର୍ଯ୍ୟନ୍ତ ଚାଲୁ ରହିବ।

## ୧୧. ବିପର୍ଯ୍ୟୟ ପରିଚାଳନା (Disaster Management) :-

ଚଳିତ ବର୍ଷ ସମଗ୍ର ରାଜ୍ୟର ପ୍ରତ୍ୟେକ ଯୁବବର୍ଗଙ୍କୁ ବିପର୍ଯ୍ୟୟ ପରିଚାଳନାର ଏକ ତାଲିମ ଦିଆଯିବ। ଏଥି ପାଇଁ ରାଜ୍ୟ ଓ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯିବ। ପ୍ରତ୍ୟେକ ଜିଲ୍ଲାରେ କିଛି ଚୟନିତ ମହାବିଦ୍ୟାଳୟମାନଙ୍କରେ ବିପର୍ଯ୍ୟୟ ପରିଚାଳନା ତାଲିମ କିମ୍ବା ପ୍ରାଥମିକ ଚିକିତ୍ସାର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।

## ୧୨. ଯୁବବର୍ଗ ସମ୍ପ୍ରସାରଣ (Each One Inspire One) :-

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମର ପ୍ରତ୍ୟେକ ଯୁବପିଢ଼ି ସେମାନଙ୍କର ଆଦର୍ଶବତ୍ତା, ଉତ୍ତମ ଆଚରଣ, ଶୃଙ୍ଖଳିତ ବ୍ୟବହାର ଏବଂ ପରିମାର୍ଜିତ ଦିନଚର୍ଯ୍ୟା ଦ୍ୱାରା ଅନ୍ତତଃ ଜଣେ ନୂତନ ଯୁବ ଭାଇ କିମ୍ବା ଭଉଣୀଙ୍କୁ ସଂଗଠନର ମୁଖ୍ୟସ୍ରୋତରେ ସାମିଲ କରାଇବେ। ଏଥିପାଇଁ ଆମେ ରକ୍ତଦାନ ଶିବିର, ବିପର୍ଯ୍ୟୟ ପରିଚାଳନା, ସାଇଶ୍ରଦ୍ଧା, ପ୍ରଶାନ୍ତି ସେବା, ଗ୍ରୀଷ୍ମଶିକ୍ଷା ଶିବିର, ମହାବିଦ୍ୟାଳୟ ଏବଂ ବିଭିନ୍ନ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ସମିନାର୍ ସିମ୍ପୋଜିୟମ୍ ଏବଂ ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବର ସାହାଯ୍ୟ ନେଇପାରିବା। ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଚାଲୁ ରହିବ। ସଂଗଠନର ଯୁବବର୍ଗ

ସମ୍ପ୍ରସାରଣ ପାଇଁ ଆମେ ବାଳବିକାଶ ଓ ପ୍ରି-ସେବାଦଳ ଉପରେ ଅଧିକ ଗୁରୁତ୍ୱ ଦେବା । ଜିଲ୍ଲାର ପ୍ରତ୍ୟେକ ଯୁବକଯୁବତୀ ବାଳବିକାଶ କାର୍ଯ୍ୟକ୍ରମରେ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ନିଜକୁ ସମ୍ମିଳିତ କରିବେ । ସଂଗଠନରେ ପୂର୍ବରୁ ଆମ ସହ ଥିବା ଯୁବ ଭାଇଭଉଣୀମାନଙ୍କୁ ଧରି ରଖିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ।

**୧୩. ସାଇ ସାହିତ୍ୟ ସମ୍ପ୍ରସାରଣ:-**

- ସାଇ ସାହିତ୍ୟ ସମ୍ପ୍ରସାରଣକୁ ଚଳିତ ବର୍ଷ ଯୁବ ବିଭାଗ ଏକ ପ୍ରକଳ୍ପ ଭାବେ ଗ୍ରହଣ କରିବ । ଯେଉଁଥିରେ ସଂଗଠନର ସମସ୍ତ ଯୁବ ଭାଇ ଓ ଭଉଣୀ ରାଜ୍ୟ ପୁସ୍ତକ ପ୍ରକାଶନ ନ୍ୟାସ ପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା ଯଥା ସନାତନ ସାରଥି ଓ ବାଳବିକାଶର ଉପଭୋକ୍ତା ହେବେ ।

**୧୪. ସୋହମ୍ ଓ ଇ-ମ୍ୟାଗାଜିନ୍ :-**

ସୋହମ୍ ଯୁବ ବିଭାଗର ଏକ ଅର୍ଦ୍ଧ ବାର୍ଷିକ ଇ-ମ୍ୟାଗାଜିନ୍ । ଏହା ପ୍ରତି ବର୍ଷ ସ୍ୱାମୀଙ୍କ ଜନ୍ମଦିନ ଏବଂ ଆରାଧନା ମହୋତ୍ସବ ସମୟରେ ପ୍ରକାଶିତ ହେବ । ଏଥିରେ ରାଜ୍ୟର ସମସ୍ତ ଆଗ୍ରହୀ ଯୁବ ପ୍ରତିଭାମାନଙ୍କର ଅନୁଭୂତି ସ୍ଥାନିତ ହେବ । ଏଥିରେ ଆମେ ସଂଗଠନର ବହୁବିଧ ଯୁବ କାର୍ଯ୍ୟକ୍ରମର ବିବରଣୀ ସାଙ୍ଗକୁ ଆଗାମୀ ଦିନର କର୍ମଯୋଜନା ମଧ୍ୟ ସ୍ଥାନ ପାଇବ । ନିଜର ଆଲେଖ୍ୟ ପାଇଁ ଆଗ୍ରହୀ ଭାଇଭଉଣୀମାନେ ଜିଲ୍ଲା ଯୁବ ସଂଯୋଜକ କିମ୍ବା ରାଜ୍ୟ ଯୁବ ପରିଷଦର ସଭ୍ୟମାନଙ୍କ ଦ୍ୱାରା ନିଜର ଲେଖା ପ୍ରେରଣ କରିପାରିବେ ।

# ଆଇ.ଟି ବିଭାଗ

- ସଂଗଠନର ପ୍ରେତ୍ୟକ ମୁଖ୍ୟ କାର୍ଯ୍ୟକ୍ରମର ବିବରଣୀ Google Form ମାଧ୍ୟମରେ ଜିଲ୍ଲାର ଆଇ.ଟି ଇନ୍‌ଚାର୍ଜମାନେ ଅପଲୋଡ୍ କରିବେ ।
- ଆଇ.ଟି ଇନ୍‌ଚାର୍ଜଙ୍କ ଦ୍ୱାରା ଅପ୍‌ଲୋଡ୍ କରାଯାଇଥିବା ତଥ୍ୟକୁ ଆଧାର କରି ଏକ ରିପୋର୍ଟ ସଂକଳନ କରାଯିବ ଏବଂ ଏହି ତଥ୍ୟକୁ ଆଧାର କରି ପ୍ରତି ମାସ ମାସିକ ବୈଠକରେ ଏଗୁଡ଼ିକୁ ପର୍ଯ୍ୟାଲୋଚନା ଏବଂ ସମୀକ୍ଷା କରାଯିବା ।





- ପ୍ରତି ସାଇ ଜିଲ୍ଲାରେ ଅଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା କାର୍ଯ୍ୟକ୍ରମଗୁଡିକର ସୂଚନା ରାଜ୍ୟ ସଂଗଠନର ଅଫିସିଆଲ୍ Official Website : www.sathyasaiodisha.org ରେ ଜିଲ୍ଲା ଆଇ.ଟି ଇନ୍‌ଚାର୍ଜମାନେ ନିୟମିତ ଭାବେ ଅପ୍‌ଡେଟ୍ କରିବେ ।
- ରାଜ୍ୟ, ଜିଲ୍ଲା ତଥା ସମିତିସ୍ତରର ସମସ୍ତ ସଂଯୋଜକ, ସଂଯୋଜିକାଙ୍କ ସୂଚନା ଆସନ୍ତା ୧୫.୦୨.୨୦୨୧ ସୁଦ୍ଧା ରାଜ୍ୟର Official Website : www.sathyasaiodisha.org ରେ ଅପ୍‌ଲୋଡ୍ କରାଯିବ ।
- "ସ୍ୱଚ୍ଛତ୍ୱ ରୁ ଦିବ୍ୟତ୍ୱ" କାର୍ଯ୍ୟକ୍ରମର ବିବରଣୀ ଜାତୀୟ Website ରେ ଅପ୍‌ଲୋଡ୍ କରିବା ସମୟରେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ଯେପରି ଏହି କାର୍ଯ୍ୟକ୍ରମରେ ସମସ୍ତ ସମିତିର ବିବରଣୀ ସ୍ଥାନ ପାଇବ, ତାହାକୁ ଆଇ.ଟି ଇନ୍‌ଚାର୍ଜମାନେ ନିଶ୍ଚିତ କରିବେ ।
- ସଂଗଠନର Flagship Projects/SRP/ ସାଇଶ୍ରଦ୍ଧା କିମ୍ବା ଅନ୍ୟାନ୍ୟ ମୁଖ୍ୟ କାର୍ଯ୍ୟକ୍ରମର ଅନ୍ତତଃ ଗୋଟିଏ ଗୋଟିଏ ଭିଡିଓ ପ୍ରତ୍ୟେକ ଜିଲ୍ଲା ପ୍ରସ୍ତୁତ କରିବେ ଯାହା ଆମର Social Media ଯେପରି Youtube/ Facebook/Instagram/Twitter ଆଦିରେ ଅପ୍‌ଲୋଡ୍ ହୋଇପାରିବ ।
- ଜିଲ୍ଲା ଆଇ.ଟି ଇନ୍‌ଚାର୍ଜମାନେ ନିଜର ବ୍ୟକ୍ତିଗତ ସର୍ବନମ୍ନ ସାଧନା ନିମନ୍ତେ ଆଧାତ୍ମିକ ଦିନଲିପି ନିଶ୍ଚିତ ଭାବେ ପୂରଣ କରିବେ ।
- ଜିଲ୍ଲା ଆଇ.ଟି ଇନ୍‌ଚାର୍ଜମାନେ ନିଜ ଜିଲ୍ଲାର ବାର୍ଷିକ ବିବରଣୀକୁ ଆସନ୍ତା ୧୫.୦୩.୨୦୨୧ ମଧ୍ୟମରେ ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ସଭାପତିମାନଙ୍କୁ ସହଯୋଗ କରିବେ ।
- ରାଜ୍ୟର ବିଭିନ୍ନ ସମିତି ଦ୍ୱାରା ଲାଗାଯାଇଥିବା ଧ୍ୟାନ ବୃକ୍ଷଗୁଡିକର Geo Tagging କରାଯିବ ।
- ପୁରାତନ ଓଡିଆ ସନାତନ ସାରଥି ଏବଂ ବାଳବିକାଶ ସଂସ୍କରଣଗୁଡ଼ିକୁ digitisର କରିବା ପାଇଁ ପ୍ରଚେଷ୍ଟା କରିବେ ।

- ସଂଗଠନର ସମସ୍ତ ମୁଖ୍ୟ କାର୍ଯ୍ୟକ୍ରମ ଏବଂ ପର୍ବପର୍ବାଣୀ ପାଇଁ ବ୍ୟାନର୍ ଏବଂ ପୋଷ୍ଟରଗୁଡିକ ପୂର୍ବରୁ ପ୍ରସ୍ତୁତ କରାଯିବା ସହ Google Drivର ଜରିଆରେ ସେଗୁଡିକୁ ସଂରକ୍ଷିତ ରହିବ ଏବଂ ରାଜ୍ୟ ସଭାପତିଙ୍କ ଅନୁମୋଦନ ପରେ ଆବଶ୍ୟକସ୍ଥଳେ ସେଗୁଡିକୁ ସମସ୍ତ ଜିଲ୍ଲାମାନଙ୍କୁ ପଠାଯିବ।
- ୪ ଗୋଟି ୱାର୍କସପ୍ ମାଧ୍ୟମରେ ଜିଲ୍ଲା ଆଇ.ଟି ଇନ୍‌ଚାର୍ଜ ଏବଂ ଆଗ୍ରହୀ ଯୁବ ଭାଇଭଉଣୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଯଥା Photoshop, Videography, Banner/Posters designing, Power Point ଏବଂ content writing କୁଶଳୀ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ଟ୍ରଷ୍ଟ, ଓଡିଶା

## ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସାଇ ସାହିତ୍ୟ ପ୍ରଚାର ଓ ପ୍ରସାର ନିମନ୍ତେ ସଂକଳ୍ପ

୧. ପ୍ରତ୍ୟେକ ସାଇ ପରିବାରର ସଦସ୍ୟମାନଙ୍କ ପାଖରେ ସାଇ ସାହିତ୍ୟ ପହଞ୍ଚାଇବା ପାଇଁ ଆମର ଆନ୍ତରିକ ପ୍ରୟାସ ରହିବା ଉଚିତ ।

୨. ସଂଗଠନର ପ୍ରତ୍ୟେକ କର୍ମକର୍ତ୍ତା ଓ ସଦସ୍ୟ 'ସନାତନ ସାରଥି' ଓ 'ଶ୍ରୀ ସତ୍ୟସାଇ ବାଳବିକାଶ' ନିୟମିତ ପାଠ କରିବେ ।

୩. ବର୍ତ୍ତମାନ ସମୟରେ ମାନସିକ ଭାରସାମ୍ୟ ଦୂର କରିବା ପାଇଁ ଏକ ପ୍ରକୃଷ୍ଟ ସାଧନା ହେଉଛି - ସାଇ ସାହିତ୍ୟର ସ୍ୱାଧ୍ୟାୟ ।

୪. ବିବାହ, ବ୍ରତ ଉତ୍ସବ ଆଦିରେ ପ୍ରତ୍ୟେକ କର୍ମକର୍ତ୍ତାମାନେ ମାନସିକ ସ୍ତରରେ ଅମୂଲ୍ୟ ସାଇ ସାହିତ୍ୟକୁ ଉପହାର ଦେବାର ସଂକଳ୍ପ ନେବା ଉଚିତ ।

୫. ପ୍ରତ୍ୟେକ ବାଳବିକାଶ କେନ୍ଦ୍ର, ବାଳ ବିକାଶ ଗୁରୁ ଏବଂ ଅଭିଭାବକ ତଥା ଓଡିଶାର ପ୍ରତ୍ୟେକ ଶ୍ରୀ ସତ୍ୟସାଇ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ 'ବାଳ ବିକାଶ' ପତ୍ରିକା ରଖିବା ଉଚିତ୍ ।





# ଶ୍ରୀ ସତ୍ୟସାଇ ଟ୍ରଷ୍ଟ, ଓଡିଶା

୧. ଶ୍ରୀ ସତ୍ୟସାଇ ସେବା ସଂଗଠନ ଦ୍ୱାରା ପରିଚାଳିତ ସମସ୍ତ ଅସ୍ଥାବର ସମ୍ପତ୍ତି, ଅନୁଷ୍ଠାନର ମାଲିକାନା ଶ୍ରୀ ସତ୍ୟସାଇ ଟ୍ରଷ୍ଟ, ଓଡିଶା । ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ଜନ୍ମ ଶତବାର୍ଷିକୀ ସୁଦ୍ଧା ଏବଂ ସମସ୍ତ ଅଣରେଜିଷ୍ଟ୍ରିଭୁକ୍ତ ସମ୍ପତ୍ତିଗୁଡିକୁ ଶ୍ରୀ ସତ୍ୟସାଇ ଟ୍ରଷ୍ଟ, ଓଡିଶା ନାମରେ ପଞ୍ଜିକରଣ ପାଇଁ ଦୃଢ ପଦକ୍ଷେପ ନିଆଯିବ ।

୨. ଜାତିୟ ସଂଗଠନ ଦ୍ୱାରା ପ୍ରସ୍ତାବିତ ଆର୍ଥିକ ଶୃଙ୍ଖଳାର ନିୟମକୁ ସମ୍ମାନଦେଇ ଶ୍ରୀ ସତ୍ୟସାଇ ଟ୍ରଷ୍ଟ, ଓଡିଶା ପ୍ରତ୍ୟେକ ଜିଲ୍ଲାରେ ବ୍ୟାଙ୍କ ଖାତା ଖୋଲାଯିବ । ଆବାହକମାନେ ତାଙ୍କ ସମିତି / ଭଜନ ମଣ୍ଡଳିର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସର୍ବାଧିକ ଦଶହଜାର ଟଙ୍କା ପର୍ଯ୍ୟନ୍ତ ହାତ ପାଣ୍ଠି ହିସାବରେ ରଖିପାରିବେ । ତଦୁର୍ଦ୍ଧ୍ୱ ସମସ୍ତ ଅର୍ଥ ଜିଲ୍ଲାସ୍ତରିୟ ବ୍ୟାଙ୍କ ଆକାଉଣ୍ଟରେ ଜମା ରହିବ ଏବଂ ଆବଶ୍ୟକ ସ୍ଥଳେ ତାହା ଜିଲ୍ଲା ସଭାପତିଙ୍କ ଅନୁମୋଦନ କ୍ରମେ ଫେରସ୍ତ ଦିଆଯାଇପାରିବ ।

୩. ଭଗବାନଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଜ୍ୟ ଟ୍ରଷ୍ଟର ଭକ୍ତି ନୈବେଦ୍ୟ ।

- ଅନ୍ୟୁନ ପାଞ୍ଚଟି ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ହେବ ।
- ଅନ୍ୟୁନ ପାଞ୍ଚଟି ଶ୍ରୀ ସତ୍ୟସାଇ ବିଦ୍ୟାଳୟକୁ ମଡେଲ ବିଦ୍ୟାଳୟ ଭାବେ ଗ୍ରହଣ କରାଯିବ ।
- ସାଇ ଜନନୀକୁ ପୂର୍ବଭାରତର ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯିବ ।

*